ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 43 | 22 - 28 October 2023 | Sambalpur | Page- 8 | Invitation Price Rs.10

सत्यमेव जयते





## 'ପବିତ୍ର ବିଜୟା ଦଶମୀ -୨୦୨୩' ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରନ୍ତୁ ବୋଲି ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା





## ଶାରଦୀୟ ଦୁର୍ଗାପୂଜା-୨୦୨୩ ଅବସରରେ ବାର୍ତ୍ତା

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୁଁ ସମସ୍ତ ଓଡ଼ିଆ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଆଶୀର୍ବାଦରୁ ଅସତ୍ୟ ଉପରେ ସତ୍ୟର ଏବଂ ଅନ୍ୟାୟ ଉପରେ ନ୍ୟାୟର ଜୟ ହୋଇ ପ୍ରତି ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଯାଉ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା



ଓଡ଼ିଶା ସରକାର



## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପୂଜା ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଓ ଦଶହରା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ସିଦ୍ଧି ଓ ସମୃଦ୍ଧିର ପ୍ରତୀକ ମା' ଦୁର୍ଗାଙ୍କ ଆଶିଷ ସମସ୍ତଙ୍କ ଜୀବନରେ ଶାନ୍ତି ଓ ଆନନ୍ଦ ଭରି ଦେଉ ।

ପାର୍ବଣର ଏହି ଅମୃତ ଲଗ୍ନରେ ଏତିକି ପ୍ରାର୍ଥନା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜି-୨୦ ଘୋଷଣାନାମାର କାର୍ଯ୍ୟକାରିତାର ସମୀକ୍ଷା କଲେ ଡକ୍ଟର ପି.କେ ମିଶ୍ର

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଜି-୨୦ ନେତାଙ୍କ ଘୋଷଣାନାମାର କାର୍ଯ୍ୟକାରିତାରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଛନ୍ତି । ବୈଠକରେ ବର୍ତ୍ତମାନ ଜାରି ରହିଥିବା ପ୍ରୟାସର ଅଂଶବିଶେଷ ସ୍ୱରୂପ ବିଭିନ୍ନ ଅଂଶୀଦାର ମନ୍ତ୍ରଣାଳୟ ନେତୃତ୍ୱରେ ସମସ୍ତ ସଂପୃକ୍ତ ବିଭାଗକୁ ସାମିଲ କରି ୭ଟି ୱେବିନାର ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି । ସୁଦୃଢ଼, ଦୀର୍ଘସ୍ଥାୟୀ, ସନ୍ତୁଳିତ ଓ ସମାବେଶୀ ଅଭିବୃଦ୍ଧି, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ, ସ୍ଥାୟୀ ଭବିଷ୍ୟତ ପାଇଁ ସବୁଜ ବିକାଶ ଚୁକ୍ତି, ଏକବିଂଶ ଶତାବ୍ଦୀ ପାଇଁ ବହୁପକ୍ଷୀୟ ଅନୁଷ୍ଠାନ, ବୈଷୟିକ ପରିବର୍ତ୍ତନ ଓ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଏବଂ ଆତଙ୍କବାଦ ଓ ବେଆଇନ୍ ଅର୍ଥ କାରବାର ମୁକାବିଲା ବାବଦରେ ଏହି ୱେବିନାର ଗୁଡିକ ଆୟୋଜନ କରାଯିବ । ଏହାବ୍ୟତୀତ ନୂଆଦିଲ୍ଲୀ ନେତାଙ୍କ ଘୋଷଣାର ପ୍ରଭାବଶାଳୀ କାର୍ଯ୍ୟକାରିତା ସମ୍ପର୍କରେ କ୍ଷେତ୍ର ବିଶେଷଜ୍ଞଙ୍କ ଠାରୁ ତଥ୍ୟ ସଂଗ୍ରହ ପାଇଁ ସାରା ଦେଶର ବିଭିନ୍ନ ବୁଦ୍ଧିଜୀବୀ ମଣ୍ଡଳୀ ବା ଥିଙ୍କ ଟ୍ୟାଙ୍କକୁ ସଂପୃକ୍ତ କରିବା ପାଇଁ ଏକ ସେମିନାରର ଆୟୋଜନ କରାଯିବ । ଏହି ଘୋଷଣାପତ୍ରର କାର୍ଯ୍ୟକାରୀତାକୁ ନିୟମିତ ତଦାରଖ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଅନୁଧ୍ୟାନ ବ୍ୟବସ୍ଥା ପ୍ରତିଷ୍ଠା କରାଯିବ ବୋଲି ଡକ୍ଟର ମିଶ୍ର କହିଛନ୍ତି । ଜି-୨୦ ନେତାମାନଙ୍କ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଜି-୨୦ ଭର୍ଚୁଆଲ ବା ଆଭାସୀ ଶିଖର ସମ୍ମିଳନୀ ଆୟୋଜନ ଲାଗି ପ୍ରସ୍ତାବ ଦେଇଥିଲେ ।



ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

୨ ପୃଷ୍ଠାରେ...


 କଦଳୀ ପତ୍ରରେ ଖାଇବାର ସୁଫଳ


ସବୁଠୁ ଭଲ ନଡିଆ ତେଲ


ମହୌଷଧ ଡାଳଚିନି


ହେଙ୍ଗୁର ଔଷଧୀୟ ଗୁଣ


ବହୁ ସମସ୍ୟା ଦୂର କରେ ଗାଜର


ଖଜୁରୀ କୋଳିର ଉପକାରିତା

## 'ବର୍ତ୍ତା ବହନ କରୁଥିବା ଏକ ଧର୍ମୀୟ ଚେତନାର ଅନ୍ତରାଳେ'

### ବିନୟ ରଞ୍ଜନ ପ୍ରଧାନ

ଶାନ୍ତି ମୈତ୍ରୀ ପ୍ରୀତି ଓ ସଦ୍ ଭାବନାର ବାର୍ତ୍ତା ବହନ କରେ ଏ ଯାତ୍ରା  
ହର ଗୌରୀ ଯାତ୍ରା, ବୁଢୀମା ଯାତ୍ରା  
ନବଦିନାତ୍ମକ ଯାତ୍ରା ।  
ପ୍ରକୃତିକୁ ଭଲପାଏ ମଣିଷ, ପ୍ରକୃତି ହିଁ ଦର୍ପଣ,  
ପ୍ରକୃତିରୁ ସୃଷ୍ଟିହୁଏ ଯାନୀ ଯାତ୍ରା,  
ପାର୍ବଣର ଏକ ମହା କୁମ୍ଭମେଳା ।  
ଏକ ଚେତନା ଏକ ଦିଗ ଦର୍ଶନ ଦିଏ  
ଆମ ସଂସ୍କୃତି ଆମ ପରମ୍ପରା ଆମ ଐତିହ୍ୟ,  
Unity in Diversity  
ବିଭିନ୍ନତା ମଧରେ ଏକତା, ଭାଇ ଚାରାର ନିଦର୍ଶନ ।  
ମହା ମିଳନ, ମହା ବନ୍ଧନ,  
ଏ ଯାତ୍ରା ଏକ ତ୍ରିବେଣୀ ସଂଗମ ।  
ମାଆ ବୁଢୀମାଁ ବିଶ୍ୱରୂପା ହରଗୌରୀ ହେମବତୀ  
ଶତ୍ରୁକୁ ସଂହାର ଶକ୍ତି ଦେ, ଅମା ଅନ୍ଧକାର ବିନାଶୀ  
ଉଜ୍ଜ୍ୱଳତାର ମନ୍ତ୍ର ଦେ ।  
ମୃତ୍ୟୁ ନୁହେଁ ଅମରତ୍ୱର ବରାଭୟ ଢାଳିଦେ ।  
ଯୁଦ୍ଧ ନୁହେଁ ଶାନ୍ତି ଦେ  
ହିଂସା ନୁହେଁ ଅହିଂସାର ମନ୍ତ୍ର ଦେ  
ଅତ୍ୟାଚାରୀକୁ ଶାସ୍ତି ଦେବା, ଶୌର୍ଯ୍ୟ ଦେ ।  
Mother & Mother Land Heaven  
ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ  
ଜୟ ମାଁ ହରଗୌରୀ  
ଓଁ ଶାନ୍ତି ଶାନ୍ତି ଶାନ୍ତି ।

**କବି, ଲେଖକ, ଗାଳ୍ପିକ, ବରିଷ୍ଠ ସାମ୍ବାଦିକ ସୋନପୁର**  
ମୋ-୮୬୫୮୯୧୬୮୪୫

# ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ଉନ୍ନୟନ କାର୍ଯ୍ୟର ସମୀକ୍ଷା

ସୁବର୍ଣ୍ଣପୁର: ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଅସିତ କୁମାର ତ୍ରିପାଠୀ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ପଶ୍ଚିମ ଓଡିଶା ବିକାଶ ପରିଷଦ ଅର୍ଥ ଅନୁଦାନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ଏବଂ ବୌଦ୍ଧ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ଉଭୟ ଜିଲ୍ଲାରେ ପରିଷଦ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ତାଙ୍କୁ ଅବଗତ କରିଥିଲେ । ସୋନପୁର ସହର ନିକଟବର୍ତ୍ତୀ ଝିଙ୍କି ଠାରେ ୬ କୋଟି ୪୫ ଲକ୍ଷ ଟଙ୍କା ଡବ୍ଲୁଡିସି ଅର୍ଥ ଅନୁଦାନରେ ନିର୍ମାଣଧୀନ ଡବ୍ଲୁଓଡିସି ହସ୍ତତନ୍ତ ମଲ ର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଥିଲେ । ଏହି ମଲକୁ ସମ୍ପୂର୍ଣ୍ଣ ଭାବରେ ଶୀତତାପ ନିୟନ୍ତ୍ରିତ କରାଯିବା ସହିତ ପାରିପାର୍ଶ୍ୱ କୁ ସମ୍ପୂର୍ଣ୍ଣ ଭାବରେ ଆକର୍ଷଣୀୟ କରାଯିବ । ଏହାଦ୍ୱାରା ବୁଣାକାର ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତ ତନ୍ତ ବସ୍ତ୍ରର ବହୁଳ ବିକ୍ରୟ ସହିତ ସେମାନଙ୍କ ଅର୍ଥନୈତିକ ବିକାଶରେ ସହାୟକ ହେବ ।

ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ର ବିକାଶ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୁଇଟି ନୂତନ ଡାୟାଲିସିସ୍ ମେସିନ୍ ସହିତ ଅର୍ଥୋପେଡ଼ିକ ଅପରେଶନ ପାଇଁ ଉଭୟ ଜିଲ୍ଲା ପାଇଁ ଗୋଟିଏ ଗୋଟିଏ ଲେଖାଏଁ ସି ଆର୍ମ ମେଶିନ ଯୋଗାଇ ଦିଆଯିବ ବୋଲି ଅଧକ୍ଷ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାରେ କୃଷକ ମାନଙ୍କ ଅର୍ଥନୈତିକ ବିକାଶ ପାଇଁ କୃଷି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗ ରେ ଉପଲବ୍ଧ ଥିବା ସମସ୍ତ ସଂସାଧନ କୁ ବ୍ୟବହାର କରି କିଭଳି ଭାବରେ ସେମାନଙ୍କ ଆୟ ଦ୍ୱିଗୁଣିତ ହୋଇ ପାରିବ ତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସହାୟତା ରେ ଦୁଗ୍ଧ ଉତ୍ପାଦନ, ମାଛ ଚାଷ, ପଶୁପାଳନ, ଉଦ୍ୟାନ କୃଷି ଭଳି ବିଭିନ୍ନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପାଇଁ ସମସ୍ତ ପ୍ରଚେଷ୍ଟା କରିବା ପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସୁବର୍ଣ୍ଣପୁରର ଜିଲ୍ଲା ଗ୍ରନ୍ଥାଗାର ଯେଉଁଥିରେକି ପ୍ରତ୍ୟହ ଶତାଧିକ ଛାତ୍ରଛାତ୍ରୀ ଆସି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି ତାର ଭିତ୍ତିଭୂମି ବିକାଶ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ୫୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ । ଏହା ସହ କ୍ରୀଡାର ବିକାଶ ନିମନ୍ତେ ତରଭା ପୌରପରିଷଦ ଅନ୍ତର୍ଗତ ମିନି ଷ୍ଟାଡିୟମ ନିମନ୍ତେ ମଧ ୧ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବା ନିମନ୍ତେ ସୂଚନା ଦେଇଛନ୍ତି । ବୌଦ୍ଧ ଜିଲ୍ଲାର ବୀରନରସିଂହପୁର ଠାରେ ନିର୍ମାଣାଧୀନ ଇକୋପାର୍କର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଏହାକୁ ଆକର୍ଷଣୀୟ କରି ଗଢି ତୋଳିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାରେ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପର ଗୁଣାତ୍ମକ ମାନ କୁ ସୁନିଶ୍ଚିତ କରିବା ସହିତ ସମ୍ପୂର୍ଣ୍ଣ କାର୍ଯ୍ୟ ଆଗାମୀ ଡିସେମ୍ବର ସୁଦ୍ଧା ଶେଷ କରାଯିବା ଉପରେ ଶ୍ରୀ ତ୍ରିପାଠୀ ବିଶେଷ ଗୁରୁତ୍ୱ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର ଉଭୟ ଜିଲ୍ଲାର ସମସ୍ତ ବିଡିଓ ସମ୍ପୃକ୍ତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ନମୋସ୍ତୁତେ



**ଶ**କ୍ତି ଉପାସନାକୁ ଭାରତୀୟ ଚିନ୍ତନରେ ଖୁବ୍ ମହତ୍ତ୍ୱ ଦିଆଯାଇଛି । ଶକ୍ତି ହିଁ ସଂସାର ସଞ୍ଚାଳନ କରୁଛି । ଶାସ୍ତ୍ର ଅନୁସାରେ, ଶକ୍ତି ବିନା ଶିବ ଶବ ପରି ଚେତନା ଶୂନ୍ୟ । ନାରୀ ଓ ପୁରୁଷ- ଶକ୍ତି ଓ ଶିବର ସ୍ୱରୂପ ଭାବେ ପରିଚିତ ହୋଇଛନ୍ତି । ଭାରତୀୟ ଉପାସନାରେ ନାରୀ ତତ୍ତ୍ୱର ପ୍ରମୁଖତା ପୁରୁଷ ଠାରୁ ଅଧିକ ବୋଲି ଗ୍ରହଣ କରାଯାଇଛି । ନାରୀ ଶକ୍ତି ଚେତନାର ପ୍ରତୀକ । ଏଥସହିତ ଏହା ପ୍ରକୃତିର ପ୍ରମୁଖ ସହଚରୀ ହୋଇଥିବାରୁ ଜଡ ସ୍ୱରୂପ ପୁରୁଷକୁ ନିଜ ଚେତନା ପ୍ରକୃତିରେ ଆକୃଷ୍ଟ କରି ଶିବ ଏବଂ ଶକ୍ତିର ମିଳନ କରାଇଥାଏ, ସଂସାରର ସାର୍ଥକତା ସିଦ୍ଧ କରିଥାଏ । ନାରୀ ବା ମାତୃଶକ୍ତି ଏକ ପ୍ରଚଣ୍ଡ ଶକ୍ତି । ଜୀବନର ପ୍ରବାହ, ପ୍ରାଣଶକ୍ତିର ଉତ୍ସ ହିଁ ମାତୃଶକ୍ତି । ସେଇଥି ପାଇଁ ଧର୍ମରେ ମାତୃଶକ୍ତିକୁ ସଚ୍ଚିଦାନନ୍ଦମୟ ବ୍ରହ୍ମସ୍ୱରୂପ ବୋଲି କୁହାଯାଇଛି । ଏହା ବିନା କୌଣସି ଈଶ୍ୱରୀୟ ତତ୍ତ୍ୱ ଉଦ୍ଭବ ସମ୍ଭବ ନୁହେଁ ।

ନବରାତ୍ର ଏବଂ ଦଶହରା ଆଦ୍ୟାଶକ୍ତି ମା' ଭଗବତୀଙ୍କ ଆରାଧନାର ପର୍ବ । ମା'ଙ୍କର ପ୍ରତି ସ୍ୱରୂପ ଅଧାତ୍ମର ମୂଳ ତତ୍ତ୍ୱ- ଜ୍ଞାନ, ସେବା, ପରାକ୍ରମ, ସମୃଦ୍ଧି, ପରମାନନ୍ଦ, ତ୍ୟାଗ, ଧାନ ଏବଂ ସୃଜନଶକ୍ତିର ଅବତରଣ । ଦେବୀଙ୍କ ରୂପ ପ୍ରକୃତି ପରି ରହସ୍ୟମୟ । ପୃଥିବୀ ରୂପରେ ସେ ଭୂମି ଏବଂ ହିମାଳୟ ପୁତ୍ରୀ ଗଙ୍ଗା ମଧ । ନିଜର ପ୍ରତ୍ୟେକ ରୂପରେ ଧରାବତରଣ ହୋଇ ସେ ମଣିଷକୁ ଦୁଃଖ-ଶୋକ, ପାପ-ଦୋଷରୁ ମୁକ୍ତ କରିଥାନ୍ତି । ଦୁର୍ଗା ସପ୍ତଶତୀରେ 'ତୁମେବ ସନ୍ଧ୍ୟା ସାବିତ୍ରୀ, ତୁମେବ ଜନନୀ ପରା' ଆଦି ଶ୍ଳୋକରେ ଶକ୍ତିର ଶାଶ୍ୱତ ସ୍ୱରୂପ ଉଲ୍ଲେଖ କରାଯାଇଛି । ପୁଣି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବିଶ୍ୱରୂପ ଦର୍ଶନ ଦେବା ବେଳେ କହିଥିଲେ- କୀର୍ତ୍ତିଃ ଶ୍ରୀବାକ୍ୟ ନାରୀଣାଂ, ସ୍ମୃତି ମେର୍ଧା ଧୃତିଃ କ୍ଷମା । ଅର୍ଥାତ୍ ନାରୀ ମଧରେ ମୁଁ କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା ଭାବେ ବିରାଜମାନ । ଅନ୍ୟ ଅର୍ଥରେ ବୁଝିବାକୁ ଗଲେ, ନାରାୟଣ ତତ୍ତ୍ୱରେ ନିର୍ମିତ ନାରୀ ହିଁ ନାରାୟଣୀ । ଦେବୀଙ୍କର ଯେତେ ସ୍ୱରୂପ ସବୁଥିରେ ନିଶ୍ଚିତ ଲକ୍ଷ୍ୟ- ସମାଜକୁ ତତ୍ତ୍ୱଜ୍ଞାନ ପ୍ରଦାନ କରିବା ଏବଂ ଆସୁରୀ ଶକ୍ତିର ଦମନ କରି ଧର୍ମ ପ୍ରତିଷ୍ଠା କରିବା । ଦେବୀ ଭାଗବତର ଏକ ସୂକ୍ତ ଅନୁସାରେ ଦେବୀ କହୁଛନ୍ତି- ଅହଂ ରାଷ୍ଟ୍ରୀ ସଙ୍ଗମତି ବସନା, ଅହଂ ରୁଦ୍ରାୟ ଧନୁରାତିମି । ଅର୍ଥାତ୍- ମୁଁ ହିଁ ରାଷ୍ଟ୍ରକୁ ଏକତ୍ୱର ରଜ୍ଜୁରେ ବାନ୍ଧି ରଖିବା ତଥା ଐଶ୍ୱର୍ଯ୍ୟ ପ୍ରଦାନ କାରିଣୀ ଶକ୍ତି । ମୁଁ ହିଁ ରୁଦ୍ରଙ୍କ ଧନୁରେ ଟଙ୍କାର ଆଣିଥାଏ । ପୃଥିବୀ, ଆକାଶରେ ପରିବ୍ୟାପ୍ତ ମୁଁ ହିଁ ମାନବର ପରିତ୍ରାଣ ସକାଶେ ସଂଗ୍ରାମ କରେ ।

ମାତୃ ଆରାଧନାର ଏକ ଭବ୍ୟ ପର୍ବ ଆଶ୍ୱିନ ଶୁକ୍ଳପକ୍ଷ ଦଶମୀ ତିଥିରେ ଆୟୋଜିତ ଦଶହରା । ଅସତ୍ୟ ଉପରେ ସତ୍ୟର, ଅଧର୍ମ ଉପରେ ଧର୍ମର ବିଜୟଲାଭ ତିଥି । ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ମା' ଦୁର୍ଗା ଧରାରେ ଅବସ୍ଥାନ କରନ୍ତି । ମହାଳୟା ଦିନ ପିତୃପୁରୁଷମାନେ ପୃଥିବୀରୁ ନିଜ ଲୋକକୁ ଫେରୁଥିବା ବେଳେ ସେହିଦିନ ମା' ଧରାବତରଣ କରନ୍ତି । ଭଗବାନ ରାମ ଏହିଦିନ ରାବଣ ବଧ କରିଥିବାରୁ ଏହାକୁ ବିଜୟା ଦଶମୀ ବୋଲି ମଧ କୁହାଯାଏ । ଦଶହରା ବର୍ଷର ତିନୋଟି ଶୁଭ ତିଥି ମଧରୁ ଅନ୍ୟତମ । ଅନ୍ୟ ଦୁଇଟି ହେଲେ ଚୈତ୍ର ଶୁକ୍ଳ ଏବଂ କାର୍ତ୍ତିକ ଶୁକ୍ଳ ପ୍ରତିପଦା । ଏହି ଦିନ ନୂତନ କାର୍ଯ୍ୟାରମ୍ଭ, ଶସ୍ତ୍ର ପୂଜା କରାଯାଏ । ରାଜାରାଜୁଡା ଶାସନ ବେଳେ ରାଜାମାନେ ଏହି ଦିନ ବିଜୟ ପ୍ରାର୍ଥନା କରି ଯୁଦ୍ଧଯାତ୍ରା କରୁଥିଲେ । ନବରାତ୍ରିର ନ'ଦିନ ଜଗଦମ୍ବାଙ୍କର ଉପାସନା କରି ଶକ୍ତିଶାଳୀ ହେବା ପରେ ଯୋଦ୍ଧା ଏହିଦିନ ବିଜୟ ପ୍ରାପ୍ତି ପାଇଁ ପ୍ରସ୍ତୁତ ତଥା ତତ୍ପର ହୋଇଉଠେ । ଯଦି କେବେ ଯୁଦ୍ଧ ଅନିବାର୍ଯ୍ୟ ହୋଇପଡେ ତେବେ ଶତ୍ରୁ ଆକ୍ରମଣର ପ୍ରତୀକ୍ଷା ନକରି ତୁରନ୍ତ ଆକ୍ରମଣ କରିବା କୁଶଳ ରାଜନୀତି । ଭଗବାନ ରାମଙ୍କ ସମୟରୁ ଏହି ଦିନ ବିଜୟ ପ୍ରସ୍ଥାନର ପ୍ରତୀକ ଭାବେ ନିଶ୍ଚିତ । ମରାଠା ରନ୍ଧ ଶିବାଜୀ ମଧ ଔରଙ୍ଗଜେବଙ୍କ ବିରୋଧରେ ଏହି ଦିନ ଯୁଦ୍ଧଯାତ୍ରା କରି ହିନ୍ଦୁଧର୍ମର ରକ୍ଷଣ କରିଥିଲେ । ଭାରତୀୟ ଇତିହାସରେ ଏପରି ଅନେକ ଉଦାହରଣ ରହିଛି, ଯେଉଁଥରେ ଏହିଦିନ ହିନ୍ଦୁ ରାଜାମାନେ ବିଜୟ ପ୍ରସ୍ଥାନ କରୁଥିବା ବର୍ଣ୍ଣିତ । ମାନ୍ୟତା ରହିଛି ଯେ, ଆଶ୍ୱିନ ଶୁକ୍ଳ ଦଶମୀ ତିଥରେ ତାରା ଉଦୟ ହେବା ସମୟ 'ବିଜୟ' ନାମକ ମୁହୂର୍ତ୍ତ । ଏହି କାଳଟି ସର୍ବକାର୍ଯ୍ୟ ସିଦ୍ଧିଦାୟକ । ତେଣୁ ଏହାକୁ ବିଜୟାଦଶମୀ ବୋଲି ମଧ କୁହାଯାଏ ।

ଆଶ୍ୱିନସ୍ୟ ସିତେ ପକ୍ଷେ ଦଶମ୍ୟାଂ ତାରକୋଦୟେ

ସ କାଳୋ ବିଜୟୋ ଜ୍ଞେୟଃ ସର୍ବକାର୍ଯ୍ୟାର୍ଥସିଦ୍ଧୟେ ।

ଏହି ପର୍ବ ଶକ୍ତି ଉପାସନାର ପର୍ବ, ଶସ୍ତ୍ର ଉପାସନାର ତିଥି । ଭାରତୀୟ ସଂସ୍କୃତି ବୀରତ୍ୱର ପୂଜକ, ଶୌର୍ଯ୍ୟ ଉପାସନା କରେ । ବ୍ୟକ୍ତି ଏବଂ ସମାଜର ଧମନୀରେ ଯେପରି ବୀରତ୍ୱ ପ୍ରକାଶ ପାଇବ- ସେଥିପାଇଁ ଦଶହରା ପର୍ବ ପାଳନ କରାଯାଉଛି । ଦଶ ପ୍ରକାର ପାପ- କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ଅହଂକାର,ଆଳସ୍ୟ, ହିଂସା ଏବଂ ଚୋରି ପରିତ୍ୟାଗ କରିବା ଲାଗି ପ୍ରେରିତ କରିଥାଏ ଏହି ପର୍ବ । ଏହିଦିନ ମଣିଷ ଇନ୍ଦ୍ରିୟ ବିଜୟୀ ହୋଇ ମାନବ ଜୀବନର ସୀମାଲଂଘନ କରି ଜ୍ଞାନପ୍ରାପ୍ତି କରିଥାଏ । ତେଣୁ ଦଶହରାକୁ 'ସୀମୋଲ୍ଲଙ୍ଘନ' ପର୍ବ ବୋଲି ମଧ କୁହାଯାଏ ।

ଏହାର ସାଂସ୍କୃତିକ ବିଶେଷତ୍ୱ ମଧ ରହିଛି । ଭାରତ କୃଷି ପ୍ରଧାନ ଦେଶ । ଚାଷୀ ନିଜ ଜମିରେ ସୁନା ଫଳାଇ ଘରକୁ ସମ୍ପତ୍ତି ଆଣିବା ପରେ ତା'ର ହର୍ଷୋଲ୍ଲାସର ସୀମା ରହେନାହିଁ । ଏହି ସୁଖକୁ ସେ ଈଶ୍ୱରଙ୍କ ବରଦାନ ବୋଲି ଗ୍ରହଣ କରିଥାଏ । କୃତଜ୍ଞତା ଜ୍ଞାପନ ଲାଗି ସେ ପୂଜା କରେ । ସମଗ୍ର ଭାରତବର୍ଷରେ ଏହି ପର୍ବ ବିଭିନ୍ନ ପ୍ରଦେଶରେ ଭିନ୍ନଭିନ୍ନ କି ପ୍ରକାରରେ ପାଳିତ ହୋଇଥାଏ । ମହାରାଷ୍ଟ୍ରରେ ଏହି ଅବସରରେ ସିଲଂଗଣ ନାମରେ ଏକ ସାମାଜିକ ମହୋତ୍ସବ ପାଳନ କରନ୍ତି । ଏଥିରେ ସନ୍ଧ୍ୟାବେଳେ ଗ୍ରାମର ସମସ୍ତ ବାସିନ୍ଦା ନବବସ୍ତ୍ରରେ ସୁସଜ୍ଜିତ ହୋଇ ଗାଁ ସୀମା ବାହାରେ ଥିବା ଶମିବୃକ୍ଷରୁ ପତ୍ର ରୂପରେ ସ୍ୱର୍ଣ୍ଣ ଆଣି ନିଜ ଗାଁକୁ ଫେରିଆସନ୍ତି ଏବଂ ପରେ ଏହି ବର୍ଷ (ଶମିବୃକ୍ଷର ପତ୍ର) ପରସ୍ପର ମଧରେ ଆଦାନ ପ୍ରଦାନ କରାଯାଏ ।

ଦୁର୍ଗା ଦୁର୍ଗତି ନାଶନକାରୀ ଶକ୍ତିର ନାମ । ଏହାର ସ୍ମରଣ ମାତ୍ରେ ଶାରୀରିକ ସମେତ ମାନସିକ ରୋଗ ତଥା କଷ୍ଟ ନାଶ ହୁଏ । 'ଦ' ଅର୍ଥ ଯିଏ ସ୍ଥିର ଏବଂ 'ର' ଅର୍ଥ ଯାହାଙ୍କର ଚଳତ୍‌ଶକ୍ତି ରହିଛି ବା ଯିଏ ଗତି କରୁଛନ୍ତି । ସେହିପରି 'ଉ'ର ଅର୍ଥ ସ୍ଥିର ଏବଂ ଗତିଶୀଳଙ୍କ ମଧରେ ସନ୍ତୁଳନ ଏବଂ 'ଅ' ଅର୍ଥାତ ପରମାତ୍ମାଙ୍କର ଶକ୍ତି । ତେଣୁ ଦୁର୍ଗାଙ୍କର ଅର୍ଥ ହେଲା- ପରମାତ୍ମାଙ୍କର ସେହି ଶକ୍ତି ଯାହା ସ୍ଥିର, ଗତିଶୀଳ ଏବଂ ସନ୍ତୁଳନରେ ଥାଏ ମଧ ।

ଏହା ବ୍ୟତୀତ 'ଦୁ'ର ଅର୍ଥ ଅନ୍ଧକାର, ସମସ୍ୟା ଏବଂ କଷ୍ଟ ମଧ ହୋଇଥାଏ । 'ଗ' ଅର୍ଥାତ ଈଶ୍ୱରୀୟ ଜ୍ୟୋତି ବା ପ୍ରକାଶ ତଥା ଦୁଃଖ, ପାପ ଏବଂ ସମସ୍ତପ୍ରକାର କୁପ୍ରବୃତ୍ତ ହରଣକାରୀ । 'ଅ' ହେଉଛନ୍ତି ଅଜନ୍ମା ଈଶ୍ୱର, ଅନନ୍ତ ପରମାତ୍ମା ଏବଂ ତାଙ୍କ ଶକ୍ତି । ରେଫ୍ ବା 'ର' ପ୍ରଥମରୁ ଦ୍ୱିତୀୟ ଦିଗରେ ଆଗେଇନେବାର ଶକ୍ତି । ତେଣୁ ଏ ଅର୍ଥରେ ଦୁର୍ଗା ହେଲେ- ପରମାତ୍ମାଙ୍କର ସେହି ଶକ୍ତି ଯିଏ ଅନ୍ଧାର, କଠିନ ପରିସ୍ଥିତି, କୁପ୍ରବୃତ୍ତି ତଥା କଷ୍ଟ ନାଶ କରି ମଣିଷକୁ ଆଲୋକ, ସୁଖ ତଥା ଆନନ୍ଦ ପଥର ଯାତ୍ରୀ କରାଇଥାନ୍ତି । ବ୍ରହ୍ମ ଏବଂ ପ୍ରକୃତି ସ୍ୱରୂପିଣୀ ମା' ଦୁର୍ଗାଙ୍କର ଅଶେଷ ରୂପ ରହିଛି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରଜ, ସତ୍ତ୍ୱ ଏବଂ ତମୋଗୁଣ ପ୍ରଧାନ ହୋଇଥିବା ବେଳେ ମା' ଦୁର୍ଗାଙ୍କର ତିନୋଟି ସ୍ୱରୂପ ମହାକାଳୀ (ରୌଦ୍ର) ତମୋ, ମହାଲକ୍ଷ୍ମୀ ସତ୍ତ୍ୱ ଏବଂ ମହାସରସ୍ୱତୀ ରଜୋଗୁଣ ପ୍ରଧାନ । ମହାକାଳୀ ଦୁଷ୍ଟ ସଂହାର କରନ୍ତି, ମହାଲକ୍ଷ୍ମୀ ସଂସାର ପାଳନପୋଷଣ କରିଥାନ୍ତି ଏବଂ ମହାସରସ୍ୱତୀ ଜଗତର ଉତ୍ପତ୍ତି ତଥା ଜ୍ଞାନର ସଞ୍ଚାର କରନ୍ତି ।

ମା' ଦୁର୍ଗା ନିଜ ଭକ୍ତଙ୍କର ପ୍ରାର୍ଥନା ତୁରନ୍ତ ଶୁଣିଥାନ୍ତି । ସେ ହିଁ ସୃଷ୍ଟିର ପାଳନକର୍ତ୍ତୀ ଏବଂ ସଂହାରକାରିଣୀ ମଧ । ସର୍ବସ୍ୱ ପ୍ରଦାନକାରିଣୀ ମା'ଙ୍କୁ ଭକ୍ତ ପ୍ରାର୍ଥନା କରେ- ହେ ମୁଖରେ ଚନ୍ଦ୍ରମାର ଶୋଭା ଧାରଣ କରିଥିବା ମା', ମୋର ମୋକ୍ଷ ଇଚ୍ଛା ନାହିଁ, ନାହିଁ ସଂସାରର ବୈଭବ ଅଭିଳାଷ, ଜ୍ଞାନ-ବିଜ୍ଞାନ ଲୋଡା ନାହିଁ କେବଳ ମୋର ଜନ୍ମ ମାତୃନାମ ଜପ କରି ବିତିଯାଉ ।

ଯା ଦେବୀ ସର୍ବଭୂତେଷୁ  
ମାତୃରୂପେଣ ସଂସ୍ଥିତା  
ନମସ୍ତସୈ ନମସ୍ତସୈ ନମସ୍ତସୈ  
ନମୋନମଃ ।  
ଯା ଦେବୀ ସର୍ବଭୂତେଷୁ  
ବିଦ୍ୟାରୂପେଣ ସଂସ୍ଥିତା  
ନମସ୍ତସୈ ନମସ୍ତସୈ ନମସ୍ତସୈ  
ନମୋନମଃ ।  
ଯା ଦେବୀ ସର୍ବଭୂତେଷୁ  
ଶକ୍ତିରୂପେଣ ସଂସ୍ଥିତା  
ନମସ୍ତସୈ ନମସ୍ତସୈ ନମସ୍ତସୈ  
ନମୋନମଃ ।

# ଶକ୍ତି ପୂଜାର ଗୁରୁତ୍ୱ

ହିନ୍ଦୁ ଧର୍ମରେ ପ୍ରାକ୍ ଆର୍ଯ୍ୟ ଓ ଆର୍ଯ୍ୟ ଧର୍ମର ସମନ୍ୱୟ ପରିଲକ୍ଷିତ ହୁଏ । ପ୍ରାକ୍ ଆର୍ଯ୍ୟ ଧର୍ମରେ ପ୍ରତିଷ୍ଠା ପାଇଥିବା ବହୁ ଦେବଦେବୀ କ୍ରମଶଃ ଆର୍ଯ୍ୟ ଧର୍ମରେ ଓ କାଳକ୍ରମେ ବ୍ରାହ୍ମଣ୍ୟ ଧର୍ମରେ ପ୍ରତିଷ୍ଠା ପାଇଥିଲେ । ଦେବୀ ଦୁର୍ଗା ସେମାନଙ୍କ ମଧ୍ୟରୁ ଅନ୍ୟତମ । ଯଜୁର୍ବେଦରେ ବାଜସନେୟୀ ସଂହିତାରେ ଅମ୍ବିକାଙ୍କୁ ରୁଦ୍ରଙ୍କର ଭଗିନୀ ବୋଲି ବର୍ଣ୍ଣନା କରାଯାଇଛି । ତୈତ୍ତିରୀୟ ଆରଣ୍ୟକର ଦଶମ ଅଧ୍ୟାୟ ଅଷ୍ଟାଦଶ ଅନୁବାକ୍‌ରେ ଅମ୍ବିକାଙ୍କୁ ରୁଦ୍ରଙ୍କର ପତ୍ନୀ ବୋଲି ଅଭିହିତ କରାଯାଇଛି । ପରବର୍ତ୍ତୀ ଯୁଗରେ ଅମ୍ବିକାଙ୍କର ଏହି ପରିଚୟ ହିଁ ସ୍ଥାୟୀ ହୋଇଛି । ରାମାୟଣ, ମହାଭାରତ ଯୁଗରେ ଦେବୀପୂଜାର ବିଶେଷ ପ୍ରାଧାନ୍ୟ ପରିଲକ୍ଷିତ ହୁଏ ନାହିଁ, କିନ୍ତୁ ମହାଭାରତ ଯୁଗରେ ଶକ୍ତି ପୂଜାର ଭିତ୍ତି ସ୍ଥାପିତ ହୋଇ ଗୁପ୍ତ ଯୁଗରେ ଏହାର ପ୍ରସାର ଘଟିଥିବା ମନେହୁଏ । ପରବର୍ତ୍ତୀ ଯୁଗରେ ଲୌକିକ ବିଶ୍ୱାସ-ଶକ୍ତି ବିନା ଶିବ ଶବ ସଦୃଶ । ତନ୍ତ୍ରପୀଠ ଶ୍ରୀକ୍ଷେତ୍ରରେ ବିମଳା ହେଉଛନ୍ତି ଶକ୍ତି ଓ ଜଗନ୍ନାଥ ଭୈରବ । ଦୁର୍ଗାଙ୍କର ଅନ୍ୟ ନାମ ନାରାୟଣୀ ଅର୍ଥାତ୍ ନାରାୟଣଙ୍କର ମଧ୍ୟ ସେ ଶକ୍ତି । ପ୍ରାକ୍ ବୈଦିକ ଯୁଗର ମାତୃପୂଜା କାଳକ୍ରମେ ଦୁର୍ଗାପୂଜାରେ ପରିଣତ ହୋଇଛି । ମହେଞ୍ଜୋଦାରୋରେ ବହୁ ମାତୃମୂର୍ତ୍ତି ଅଙ୍କିତ ହୋଇଛି । ଏହି ମୂର୍ତ୍ତି ମଧ୍ୟରୁ ଗୋଟିଏ ମୂର୍ତ୍ତିର ଜନନେନ୍ଦ୍ରିୟରୁ ଏକ ଲତା ବହିର୍ଗତ ହୋଇଛି । ପ୍ରତୀକାତ୍ମକ ଏହି ମୂର୍ତ୍ତିଟି ବ୍ୟାପକ ସାଙ୍କେତିକ ଅର୍ଥ ବହନ କରିଛି । ଏହି ମୂର୍ତ୍ତି ବେଦର ପୃଥିବୀ ମାତାଙ୍କ ମୂର୍ତ୍ତି ଶସ୍ୟଦାୟିନୀ, ପ୍ରାଣଦାୟିନୀ, ଅନ୍ନଦାୟିନୀ, ସ୍ତନ୍ୟଦାୟିନୀ ବିସ୍ତାର୍ଣ୍ଣ ପୃଥିବୀର ମୂର୍ତ୍ତି । ଆଦ୍ୟାଶକ୍ତି, ମହାମାୟା ଦୁର୍ଗା ତ୍ରିନେତ୍ରା । ତାଙ୍କର ଗୋଟିଏ ନୟନ ସୂର୍ଯ୍ୟ ବା ଜ୍ୟୋତିର ପ୍ରତୀକ । ଆଉ ଗୋଟିଏ ନୟନ ଚନ୍ଦ୍ର ବା ସ୍ନିଗ୍ଧ ମମତାର ପ୍ରତୀକ । ତୃତୀୟ ନୟନ ଅଗ୍ନି ବା ବିଶୁଦ୍ଧତାର ପ୍ରତୀକ । ଭାରତରେ ଦୁର୍ଗା ଯେପରି ପ୍ରଧାନଦେବୀ, ମିଶରରେ ଇସିସି ଓ ବାବିଲୋନିଆରେ ଇଷ୍ଟାର ମଧ୍ୟ ସେହିଭଳି ପ୍ରଧାନ ଦେବୀ । ଦର୍ଦ୍ଧର୍ଷ ରାକ୍ଷସଙ୍କୁ ହତ୍ୟାକରି ଜୀବର ସକଳ ଦୁର୍ଗତିର ବିନାଶକାରିଣୀ ବୋଲି ସେ ଦୁର୍ଗା ନାମରେ ଅଭିହିତା ।

ଋଗ୍‌ବେଦରେ ଭଗବତୀ କହିଛନ୍ତି, ମୁଁ ରୁଦ୍ର, ବସୁ, ଆଦିତ୍ୟ ଏବଂ ବିଶ୍ୱଦେବଙ୍କ ରୂପରେ ବିଚରଣ କରେ । ମୁଁ ମିତ୍ର, ବରୁଣ, ଇନ୍ଦ୍ର, ଅଗ୍ନି ଏବଂ ଅଶ୍ୱିନୀକୁମାରଙ୍କ ରୂପ ଧାରଣ କରେ । ଦେବୀ ଭାଗବତ ଅନୁସାରେ ବ୍ରହ୍ମ ଓ ଭଗବତୀ ଏକ ଓ ଅଭିନ୍ନ । ଦେବୀ ଦୁର୍ଗା ତେଜସ୍ୱିନୀ, ବିପୁଳ ବିଜୟିନୀ, ଅଭୟ ବରଦାୟିନୀ । ବେଦରେ ସୋମ, ସବିତୃ, ଅଗ୍ନି, ବରୁଣ, ଇନ୍ଦ୍ର, ବାୟୁ ଆଦି ଦେବତାଙ୍କ ସହ ଉଷା, ସରସ୍ୱତୀ, ପୃଥିବୀ, ରାତ୍ରି, ସଜ୍ଞି, ଶ୍ରଦ୍ଧା, ଗୌରୀ ଆଦି ଦେବୀଙ୍କର ପ୍ରାଧାନ୍ୟ ବର୍ଣ୍ଣିତ । ବେଦୋତ୍ତର ଯୁଗରେ ଉମା ହିଁ ବ୍ରହ୍ମବିଦ୍ୟାରୂପିଣୀ ତଥା ଅଗ୍ନି, ବାୟୁ, ଇନ୍ଦ୍ରାଦି ଦେବତାଙ୍କଠାରୁ ମଧ୍ୟ ଅସୀମ ଶକ୍ତିଶାଳିନୀ । ପୌରାଣିକ ଆଖ୍ୟାୟିକା ଅନୁଯାୟୀ ଦକ୍ଷକନ୍ୟା, ଶିବପତ୍ନୀ ସତୀ ବିନା ନିମନ୍ତ୍ରଣରେ ଦକ୍ଷଯଜ୍ଞରେ ଉପସ୍ଥିତ ହୋଇ ଅପମାନିତା ହୋଇଛନ୍ତି ଓ ଅଗ୍ନିକୁଣ୍ଡରେ ଝାସ ଦେଇଛନ୍ତି । ଏହା ଜାଣିବା ପରେ କ୍ରୋଧୋନ୍ମତ୍ତ ଶିବ ଦକ୍ଷ ଯଜ୍ଞରେ ବହୁ ବିଘ୍ନ ଘଟାଇଛନ୍ତି ଓ ଶୋକ ବିହ୍ୱଳ ହୋଇ ସତୀଙ୍କ ଶବକୁ ଧରି ବିଶ୍ୱପରିକ୍ରମା କରିଛନ୍ତି । ସତୀଙ୍କ ଶରୀରର ଅଂଶବିଶେଷ ଯେଉଁ ଯେଉଁ ସ୍ଥାନରେ ପଡ଼ିଥିଲା ତାହା ପରବର୍ତ୍ତୀ ଯୁଗରେ ଶକ୍ତିପୀଠ ରୂପେ ଗୃହୀତ ହୋଇଛି । ନାରୀର ଅପମାନ କଦାପି କ୍ଷମଣୀୟ ନୁହେଁ ।

ଦୁର୍ଗାଙ୍କ ଆବିର୍ଭାବ ସମ୍ପର୍କରେ ପୌରାଣିକ ଆଖ୍ୟାନ ହେଉଛି ଶହ ଶହ ବର୍ଷ ଧରି ଦେବାସୁର ଯୁଦ୍ଧ ଲାଗିରହିବା ଫଳରେ ଦେବଗୋଷ୍ଠୀ ଦୁର୍ବଳ ହୋଇ ପଡିଲେ ଏବଂ ପ୍ରବଳ ପ୍ରତିପକ୍ଷ ତଥା ପରାକ୍ରାନ୍ତ ଅସୁର ନିଧନ ସକାଶେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ଦେବତାଙ୍କ ଦୁର୍ଦ୍ଦଶା ଦେଖି ବିଷ୍ଣୁଙ୍କର ଓ ଶିବଙ୍କର ନୟନରୁ ତେଜ ବିକିରଣ ହୋଇଥିଲା । ଅନ୍ୟାନ୍ୟ ଦେବତାଙ୍କ ଶରୀରରୁ ମଧ୍ୟ ତେଜ ବିକିରଣ ହୋଇ ଏହି ତେଜଃପୁଞ୍ଜରୁ ତେଜସ୍ୱିନୀ, ବିଶ୍ୱେଶ୍ୱରୀ ଆବିର୍ଭୂତ ହେଲେ, ସବୁ ଦେବତାଙ୍କ ଶକ୍ତି ଓ ଆୟୁଧ ଗ୍ରହଣ କଲେ । ଯୁଦ୍ଧରେ ମହିଷାସୁର, ଶୁମ୍ଭ, ନିଶୁମ୍ଭ ଆଦି ରାକ୍ଷସମାନଙ୍କୁ ବଧ କଲେ । ଶକ୍ତି-ନାରୀଶକ୍ତି ସର୍ବଦା ସମ୍ମାନନୀୟା । ମହିଷାସୁର ଶକ୍ତିକୁ ଅବଜ୍ଞା କରି ନିଜ ବାହୁବଳରେ ଗର୍ବସ୍ଫୀତ ହୋଇ ବିଭିନ୍ନ ରୂପ ଧାରଣ କରି ଦୁର୍ଗାଙ୍କ ସହ ଯୁଦ୍ଧରେ ବ୍ୟାପୃତ ହେଲା । ବାରମ୍ବାର ଦେବୀ ତା'ର ଶିରଚ୍ଛେଦ କଲେ ସୁଦ୍ଧା ସେ ବିବିଧ ରୂପ ଧାରଣ କରି ଦେବୀଙ୍କୁ ବିବ୍ରତ କଲା । ଶେଷରେ ଏକ ମହିଷ ରୂପ ଧାରଣ କରି ମହିଷ ଦେହରୁ ନରଦେହ ନିଷ୍କ୍ରାନ୍ତ ହେଉଥିବା ସମୟରେ ଦେବୀଙ୍କ ଦ୍ୱାରା ସେ ନିହତ ହେଲା । ରଣକ୍ଳାନ୍ତା ଦୁର୍ଗା ଯେତେବେଳେ ମଧୁପୂର୍ଣ୍ଣ ପାତ୍ରରୁ କନିଷ୍ଠାଙ୍ଗୁଳି ସାହାଯ୍ୟରେ ମଧୁପାନରତା ଥିଲେ, ମହିଷାସୁର ତାଙ୍କର ସେ ମୂର୍ତ୍ତି ଦେଖି ଅତ୍ୟନ୍ତ କାମବିହ୍ୱଳ ହୋଇଉଠିଛି ଓ ଗର୍ଜନ କରିଛି । ସମସ୍ତ ମୃଣ୍ମୟୀ ପ୍ରତିମା ମହିଷମର୍ଦ୍ଦିନୀ ରୂପେ ଅବସ୍ଥାପିତା । ଶକ୍ତି ପୂଜାର୍ହା ଅଟନ୍ତି, ଭୋଗ୍ୟା ନୁହନ୍ତି । ଶୁମ୍ଭ, ନିଶୁମ୍ଭ ଦେବୀଙ୍କ ରୂପରେ ମୋହିତ ହୋଇ ତାଙ୍କୁ ଭୋଗ କରିବାକୁ ଚାହିଁବାରୁ ତାଙ୍କର ପତନ ହୋଇଛି । ଶକ୍ତି ବା ମାତୃପୂଜାର ଗୁରୁତ୍ୱ ଅତୀତରେ ଭାରତବର୍ଷରେ ଉପଲବ୍ଧ ହେଉଥିଲା ବୋଲି ଦୁର୍ଗାଙ୍କ ବ୍ୟତୀତ ଲକ୍ଷ୍ମୀ, ସରସ୍ୱତୀ ଆଦି ଦେବୀଙ୍କର ଉପାସନା ବିଧି ଅଦ୍ୟାବଧି ପ୍ରଚଳିତ ।

ସ୍ୱାମୀ ବିବେକାନନ୍ଦଙ୍କ ମତରେ The highest of all feminine types in India is mother, higher than wife, wife and children may desert a man, but his mother never, ଭାରତରେ ମାତୃପୂଜା ହିଁ ଶ୍ରେଷ୍ଠ ପୂଜା । ଋଗ୍‌ବେଦ ଦଶମ ମଣ୍ଡଳ ୧୨୫ ଅଧ୍ୟାୟ ଦେବୀ ସୂକ୍ତରେ ଦେବୀ କହୁଛନ୍ତି-ମୁଁ ପ୍ରଥମେ ଧନୁରେ ଗୁଣ ଚଢ଼ାଏ, ପରେ ରୁଦ୍ର ଏ ବିଶ୍ୱକୁ ସଂହାର କରନ୍ତି । ଆମର ଭାରତୀୟ ଜୀବନଧାରାରେ ମାତୃ ଉପାସନା ବହୁ ପ୍ରାଚୀନ । ଶବର ସଭ୍ୟତାରେ ମାତୃପୂଜା ପ୍ରାଧାନ୍ୟ ଲାଭ କରିଥିଲା । ଦୁର୍ଗାଙ୍କର ଅସଂଖ୍ୟ ନାମ ଭିତରୁ କିରାତିନୀ, ଚଣ୍ଡୀ, ମାହେଶ୍ୱରୀ, ଶବରୀ ଇତ୍ୟାଦି ନାମ ଏହାର ପ୍ରକୃଷ୍ଟ ପ୍ରମାଣ । କାଳକ୍ରମେ ବୌଦ୍ଧ ଯୁଗରେ ବହୁ ଦେବୀ ଦୁର୍ଗାଙ୍କ ସହ ଏକାତ୍ମ ହୋଇଗଲେ । ପ୍ରାକ୍ ଆର୍ଯ୍ୟ ଓ ଆର୍ଯ୍ୟ ଯୁଗରେ ଶାକମ୍ଭରୀ ଓ ଶସ୍ୟାତ୍ରୀ ଦେବୀ ମଧ୍ୟ ଦୁର୍ଗାଙ୍କ ଭିତରେ କ୍ରମଶଃ ଲୀନ ହୋଇଗଲେ । ଭାରତର ବହୁ ଜାତି ଉପଜାତି ମଧ୍ୟରେ ପୂଜିତା ହେଉଥିବା ଅସଂଖ୍ୟ ଦେବୀ ଏବେ ସୁଦ୍ଧା ଗ୍ରାମେ ଗ୍ରାମେ ପୂଜିତା ହେଉଛନ୍ତି । ବୈଦିକ ଦେବୀ ଅଦିତି, ଉଷା, ସରସ୍ୱତୀ ଆଦି ଦୁର୍ଗାଙ୍କ ଭିତରେ ଆତ୍ମଲୀନା । ମାତୃ ଆରାଧନାର ପରମ ବୈଶିଷ୍ଟ୍ୟ ଏହି ଯେ ଏହା ଆର୍ଯ୍ୟ-ଅନାର୍ଯ୍ୟ ସଂସ୍କୃତି ମଧ୍ୟରେ ଆଧ୍ୟାତ୍ମିକ ସମନ୍ୱୟ ସଂପାଦନ କରିଛି । ମାତୃଶକ୍ତି ନିକଟରେ ଭେଦଭାବର ପ୍ରଶ୍ନ ଉଠେନାହିଁ ।

ଋଗ୍‌ବେଦରେ ମହିଷମର୍ଦ୍ଦିନୀ ଦୁର୍ଗାଙ୍କର ନାମୋଲ୍ଲେଖ ନାହିଁ, ମାତ୍ର ଶକ୍ତି ପୂଜାର ଉଲ୍ଲେଖ ଅଛି । ଏହାର ତୃତୀୟ ମଣ୍ଡଳ ସପ୍ତମ ଅଧ୍ୟାୟ ନବମ ସୂକ୍ତ ଅନୁଯାୟୀ ଦକ୍ଷ ତନୟା ଯଜ୍ଞବେଦୀ ପବିତ୍ର ଅଗ୍ନିକୁ ଧାରଣ କରନ୍ତି ଓ ସମସ୍ତଙ୍କୁ ରକ୍ଷା କରନ୍ତି । ଏହି ବୈଦିକ ଯଜ୍ଞବେଦୀ ପୁରାଣରେ ଶିବଜାୟା ସତୀ ରୂପରେ ଗୃହୀତା, ଓଡିଶା, ବିହାର, ବଙ୍ଗାଳାଦି ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜାରେ ଯେଉଁ ମୃଣ୍ମୟୀ ମୂର୍ତ୍ତି ପୂଜିତା ହେଉଛନ୍ତି ତାହା ଏହି ଯଜ୍ଞବେଦୀ ସ୍ୱରୂପ । ବୈଦିକ ଯଜ୍ଞବେଦୀର ଚତୁଃପାର୍ଶ୍ୱରେ ଯଥାକ୍ରମେ ବାଗ୍‌ଦେବୀ ସରସ୍ୱତୀ, ଧନଧାନ୍ୟ ପ୍ରଦାୟିନୀ ଲକ୍ଷ୍ମୀ, ଯଜ୍ଞକର୍ତ୍ତା କାର୍ତ୍ତିକେୟ ଓ ସିଦ୍ଧିଦାତା ଗଣପତି ବିରାଜିତ ହୁଅନ୍ତି । ଗଣପତି ଚତୁର୍ଭୁଜ ବିଶିଷ୍ଟ । ତାଙ୍କର ହସ୍ତଗୁଡିକ ଯଥାକ୍ରମେ ଯଜ୍ଞର ହୋତା, ଋତ୍ୱିକ୍, ପୁରୋହିତ ଓ ଯଜମାନ ରୂପେ ବର୍ଣ୍ଣିତ । ଓଡିଶା, ବଙ୍ଗାଳାଦିରେ ପୂଜିତା ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିର ଚତୁଃପାର୍ଶ୍ୱରେ ଏହି ଦେବଦେବୀଗଣ ଅବସ୍ଥାପିତ ହୁଅନ୍ତି ଓ ମଧ୍ୟସ୍ଥଳରେ ଯଜ୍ଞବେଦୀ ସ୍ୱରୂପିଣୀ ଦୁର୍ଗା ବିରାଜମାନ କରନ୍ତି । ଅସୁରଙ୍କୁ ନିପାତ କରିବା ପାଇଁ ଦେବୀ ନିଜ ଅଙ୍ଗରୁ ଚଉଷଠି ଯୋଗିନୀ ସୃଷ୍ଟି କରିଛନ୍ତି । ଆଜି ବି ସେ ସମୟର ସମ୍ମୁଖୀନ ସମଗ୍ର ନାରୀ ଜାତି । ପ୍ରତି ମୁହୂର୍ତ୍ତରେ ସମଗ୍ର ଦେଶରେ ଆଜି ସେହି ଆସୁରିକ ପ୍ରବୃତ୍ତିର ପୁନରାବୃତ୍ତି ହେଉଛି । ପ୍ରତି ମୁହୂର୍ତ୍ତରେ ମାତୃଜାତିର ଅପମାନ କରାହେଉଛି ଆତ୍ମସମ୍ମାନ ଭୁଲୁଣ୍ଠିତ ହେଉଛି । ସ୍ୱାଭିମାନକୁ ବଳି ଦିଆଯାଉଛି । ନାରୀ ଦୁର୍ବଳା ନୁହେଁ, ସେ ସ୍ୱୟଂ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କର ଅଂଶବିଶେଷ । ସୁତରାଂ ଆସୁରିକ ପ୍ରବୃତ୍ତିର ବିନାଶ ପାଇଁ ଆଜି ସେ ଦଶଭୁଜା ହେବାର ଅବକାଶ ଉପସ୍ଥିତ । ପରିଶେଷରେ ଯଶୋଦାୟିନୀ, ସିଦ୍ଧିଦାୟିନୀ, ରୂପଦାୟିନୀ, ବିଜୟଦାୟିନୀ ଜଗଦ୍ଧାତ୍ରୀ ଦୁର୍ଗା ଆଜିର ବସ୍ତୁବାଦୀ ବିଶ୍ୱବାସୀ ମଣିଷ ମନରେ ଭୋଗସର୍ବସ୍ୱ ଚିନ୍ତାଧାରା ପରିବର୍ତ୍ତେ ତ୍ୟାଗ ଓ ନିବୃତ୍ତିର ବୀଜବପନ କରନ୍ତୁ ।

## ଆଜିର ଚିନ୍ତନ

ଆତ୍ମବଳ ଏ ସଂସାରର ସବୁଠାରୁ ଶକ୍ତିଶାଳୀ ତତ୍ତ୍ୱଗୁଡ଼ିକ ମଧ୍ୟରୁ ଗୋଟିଏ । ଲୌକିକ ସାଧନ, ଭୌତିକ ସମ୍ପଦ ଓ ଶାରୀରିକ ସାମର୍ଥ୍ୟ ମନୁଷ୍ୟକୁ କେବଳ ସୁରକ୍ଷିତ ରହିବା ଏବଂ ନିର୍ବାହ କରିବାର କ୍ଷମତା ପ୍ରଦାନ କରିଥାଏ । କିନ୍ତୁ ଯଦି ପ୍ରସୁପ୍ତ ଆତ୍ମବଳ ଜାଗ୍ରତ ହୋଇଯିବ, ତାହେଲେ ମନୁଷ୍ୟ କେବଳ ଅତି ମାନବୀୟ କ୍ଷମତାଗୁଡ଼ିକର ଜାଗରଣ କରିବ ନାହିଁ, ବରଂ ଏହାର ଅନ୍ତିମ ସୋପାନ 'ମନୁଷ୍ୟ ମଧ୍ୟରେ ଦେବତ୍ୱର ଉଦୟ' ରୂପେ ହସ୍ତଗତ କରି ପାରିବ । ମନୁଷ୍ୟକୁ ମହାମାନବ, ଋଷି, ଅବତାର ହୋଇ ପାରିବାର ସୌଭାଗ୍ୟ ଆତ୍ମବଳର ଜାଗରଣ ଦ୍ୱାରା ହିଁ ମିଳିପାରେ ।

ଅନ୍ୟ ସମସ୍ତ ଶକ୍ତି-ସାମର୍ଥ୍ୟର ସାଧନ ଅତି ବେଶୀରେ ଜଣେ ବ୍ୟକ୍ତିର କଲ୍ୟାଣର ପଥକୁ ପ୍ରଶସ୍ତ କରିପାରେ, କିନ୍ତୁ ପ୍ରସୁପ୍ତ ଆତ୍ମଚେତନାର ଜାଗରଣ ଏଭଳି ଚମତ୍କାର କରିଥାଏ, ଯାହା ମାଧ୍ୟମରେ ଅଗଣିତ ନରନାରୀ ଉ ାନ ଓ ଅଭ୍ୟୁଦୟର ମାର୍ଗରେ ଅଗ୍ରସର ହୁଅନ୍ତି ।

ସାଧନ ସମ୍ପନ୍ନମାନେ ସୁଖ-ସୁବିଧାର ଉପଭୋଗ କରିବାରେ ସୀମିତ ରହିଯାନ୍ତି, ଅଥଚ ଆତ୍ମବଳ ସମ୍ପନ୍ନମାନେ ପରମାନନ୍ଦର ଅନୁଭୂତି ପାଇଥାନ୍ତି । ଆତ୍ମବଳ ପ୍ରାପ୍ତିର ଅଭୀପ୍ସା ରଖୁଥିବା ସାଧକଗଣଙ୍କୁ ଉପାସନା - ସାଧନା-ଆରାଧନାର ରାଜମାର୍ଗରେ ଚାଲିବା ଅତିରିକ୍ତ ବ୍ରହ୍ମାଣ୍ଡୀୟ ଚେତନା, ଈଶ୍ୱରୀୟ ଚେତନା ସହିତ ଏକାତ୍ମତାର ଭାବ ବିକଶିତ କରିବା ଅନିବାର୍ଯ୍ୟ ହୋଇଥାଏ । ଯେଉଁମାନେ ଏହି ଏକାତ୍ମତାକୁ ବିକଶିତ କରି ପାରନ୍ତି, ସେମାନଙ୍କ ଆତ୍ମବଳ ଏତେ ମାତ୍ରାରେ ବିକଶିତ ହୋଇଥାଏ ଯେ ସେମାନେ ପ୍ରବାହକୁ ଓଲଟାଇ ଦେବା, ତୋଫାନକୁ ଅଟକିବାର ଓ ଝଡ଼ର ଦିଗକୁ ମୋଡ଼ିଦେବାର ସାମର୍ଥ୍ୟ ରଖିଥାନ୍ତି । ସତରେ ଆତ୍ମବଳ ହିଁ ସମସ୍ତ ଆଧ୍ୟାତ୍ମିକ ପ୍ରକ୍ରିୟାର ସାର । ଯଦି ବ୍ୟକ୍ତି ଘଣ୍ଟା ଘଣ୍ଟା ଧରି ପୂଜାପାଠ କରେ, କିନ୍ତୁ ଆତ୍ମବଳ ଦୃଷ୍ଟିରୁ ଶୂନ୍ୟ ହୋଇଥାଏ, ତେବେ ସେ କୌଣସି ମୂଲ୍ୟର ହୋଇ ରହେ ନାହିଁ । ନିଜ ଆତ୍ମଚେତନାର ଜାଗରଣ କରିବା ହିଁ ଆଧ୍ୟାତ୍ମିକ ପ୍ରକ୍ରିୟା ଗୁଡ଼ିକର ଉଦ୍ଦେଶ୍ୟ । ତାହାର ଜାଗରଣ ଏକ ଚୁମ୍ବକ ଭଳି କାର୍ଯ୍ୟ କରିଥାଏ ଏବଂ ଆତ୍ମବଳ ସମ୍ପନ୍ନଙ୍କ ପାଖକୁ ଦୈବୀ ଅନୁଦାନ, ଜନ ସହଯୋଗ ସ୍ୱତଃ ଆକର୍ଷିତ ହୋଇ ଚାଲିଆସେ । ଏହି ଆତ୍ମବଳର ଜାଗରଣ ଆଧ୍ୟାତ୍ମିକ ପ୍ରକ୍ରିୟାଗୁଡ଼ିକର ଆଧାର, ବ୍ୟକ୍ତିତ୍ୱ ପରିଷ୍କାରର ମୂଳ ଏବଂ ବିଶ୍ୱର ପରିବର୍ତ୍ତନର କେନ୍ଦ୍ରୀୟ ଅକ୍ଷଦଣ୍ଡ ।

# ଶକ୍ତିରୂପେଣ ସଂସ୍ଥିତା

ସର୍ବମଙ୍ଗଳମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ ।
ଶରଣ୍ୟେ ତ୍ର୍ୟମ୍ବକେ ଗୌରି ନାରାୟଣି ନମୋଽସ୍ତୁତେ ।

ମା ଦୁର୍ଗା ଏ ସୃଷ୍ଟିର ଆଦିଶକ୍ତି । ସେ ହିଁ ପରମାତ୍ମା ପରମେଶ୍ୱରଙ୍କ ପ୍ରକୃତ କାର୍ଯ୍ୟକାରିଣୀ ଶକ୍ତି । କାରଣ ବ୍ରହ୍ମ ନିଷ୍କ୍ରିୟ ଅଯୋକ୍ତା ଅଭୋକ୍ତା ଇତ୍ୟାଦି । କିନ୍ତୁ ସେ ସ୍ଥିର, ନିଶ୍ଚଳ, ସର୍ବବ୍ୟାପି, ଅନାଦିଅନନ୍ତ କିନ୍ତୁ ସାକ୍ଷୀ ଓ ଦ୍ରଷ୍ଟା ଏବଂ ନିରପେକ୍ଷ କର୍ମଫଳଦାତା ତାଙ୍କ ନିର୍ଦ୍ଦେଶରେ ପ୍ରକୃତି ଆଦିଶକ୍ତି ମାୟା ସଂସାର ସୃଷ୍ଟି କରନ୍ତି । ଗୀତାରେ କୁହାଯାଇଛି -

'ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରଂ' ସୃଷ୍ଟି କାର୍ଯ୍ୟପାଇଁ ସେ ବିଭିନ୍ନ ନାମରେ ଖ୍ୟାତ । ସେ ପ୍ରକୃତି, ସେ ହିଁ ଦୁର୍ଗା, ଶକ୍ତି, କାଳୀ, ଚଣ୍ଡୀ କ୍ଷେତ୍ର-କ୍ଷେତ୍ରଜ୍ଞ, ବିଦ୍ୟା-ଅବିଦ୍ୟା, ମାୟା, ଯୋଗମାୟା ଇତ୍ୟାଦି । ସେ ବ୍ରହ୍ମଙ୍କର ଅବିଚ୍ଛିନ୍ନ ଅଂଶ ଏବଂ ଆଦ୍ୟନ୍ତ ବିହୀନ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନି ଆଦିଦେବୀ, ତାଙ୍କରି ସୃଷ୍ଟ ଓ ତାଙ୍କରି ଶକ୍ତିରେ ହିଁ ଦୃଶ୍ୟାଦୃଶ୍ୟ ଜଗତର ସୃଷ୍ଟି, ସ୍ଥିତି ଓ ପାଳନ କରନ୍ତି । ଅନ୍ୟ ଯେତେ ଦେବଦେବୀ, ମନୁଷ୍ୟ, ପଶୁପକ୍ଷୀ, କୀଟପତଙ୍ଗ ପ୍ରଭୃତି ସଂସାରରେ ଅଛନ୍ତି ସେ ସମସ୍ତେ ତାଙ୍କରି ଶକ୍ତି ଓ ନିର୍ଦ୍ଦେଶରେ ପରିଚାଳିତ । ତାଙ୍କୁ ବୁଝିବା ଓ ତାଙ୍କର ଉପାସନା କରିବା ସର୍ବ କାମପ୍ରଦ ସଂସାର କ୍ଲେଶ ନିବାରକ ଓ ଶେଷରେ ମୁକ୍ତିପ୍ରଦ ।

ଚଣ୍ଡୀପାଠ ଓ ଦୁର୍ଗାପୂଜା ଦ୍ୱାରା ମା' ଦୁର୍ଗା ସନ୍ତୁଷ୍ଟ ହୋଇ ଅଭୀଷ୍ଟ ଫଳ ପ୍ରଦାନ କରନ୍ତି । ମାର୍କଣ୍ଡେୟ ପୁରାଣର ୮୧ରୁ ୯୩ ପର୍ଯ୍ୟନ୍ତ ତେର ଅଧ୍ୟାୟର ନାମ ଶ୍ରୀ ଶ୍ରୀ ଚଣ୍ଡୀ ବା ଦେବୀ ମାହାତ୍ମ୍ୟ । ଏଥିରେ ୭୦୦ ଶ୍ଳୋକ ଥିବାରୁ ଏହାକୁ ସପ୍ତଶତୀ ଚଣ୍ଡୀ ବୋଲି କୁହାଯାଏ । ଏ ସମସ୍ତ ଶ୍ଳୋକ ସିଦ୍ଧମନ୍ତ୍ର ସଦୃଶ । ସର୍ବାଦୌ ଶକ୍ତିଶବ୍ଦର ବ୍ୟାକରଣଗତ ଅର୍ଥ ଜାଣିବା ଦରକାର । 'ଶକ୍ୟତେ ଜେତୁମନୟା' ଅର୍ଥାତ୍ ଜୟ କରିବାର ଶକ୍ତି ଅର୍ଜନ କରାଯାଏ ତାହା ହିଁ ଶକ୍ତି । ଶକ୍ତି ତ୍ରିଗୁଣାଯୁକ୍ତ ଓ ତ୍ରିରଙ୍ଗବିଶିଷ୍ଟା । ବ୍ରହ୍ମଶକ୍ତି ଶ୍ୱେତବର୍ଣ୍ଣା ଓ ସ୍ୱାଭିକ ଗୁଣାଯୁକ୍ତା । ବୈଷ୍ଣବୀଶକ୍ତି ରକ୍ତା ଓ ରଜୋଗୁଣାତ୍ମିକା । ରୌଦ୍ରଶକ୍ତି କୃଷ୍ଣା ଓ ତମୋଗୁଣାତ୍ମିକା । ଉକ୍ତ ତ୍ରିବିଧ ଶକ୍ତିର ଏକତ୍ର ଅବସ୍ଥିତିକୁ ଓଁକାର କୁହାଯାଏ । ଉକ୍ତ ବ୍ରାହ୍ମୀ, ବୈଷ୍ଣବୀ ଓ ରୌଦ୍ରୀ ଶକ୍ତି ଯଥାକ୍ରମେ କ୍ରିୟା, ଜ୍ଞାନ ଓ ଇଚ୍ଛାର ପ୍ରତୀକ । ଭାରତୀୟ ଦାର୍ଶନିକ ଚିନ୍ତାଧାରାନୁସାରେ 'ସାମର୍ଥ୍ୟ ସର୍ବଭାବନାଂ ଶକ୍ତିରିତ୍ୟଭିଧୀୟତେ' ଅର୍ଥାତ୍ ଉତ୍ପତ୍ତି, ସ୍ଥିତିଧାନ, ଧାରଣାଦି ବିବିଧ ଭାବେ ବିଶେଷର ସାଧନ ସାମର୍ଥ୍ୟ ହିଁ ଶକ୍ତି ରୂପରେ ଅଭିହିତ କରାଯାଇଛି ।

ବିଶ୍ୱର ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳ ହେଉଛି ମାତୃରୂପା ଶକ୍ତି । ଶକ୍ତିର ଉପାସକମାନେ ଶାକ୍ତ । ମାନବଜାତି ଯୁଗେ ଯୁଗେ ମାତୃପୂଜା କରି ଆସିଛନ୍ତି । ମାତୃରୂପା ଶକ୍ତିର ମହତ୍ତ୍ୱ ମନ୍ତ୍ରଦ୍ରଷ୍ଟା ଋଷିମାନେ ସପ୍ତଶତୀ ଚଣ୍ଡୀରେ ଦେବୀଙ୍କ ମୁଖରୁ ଶୁଣିଛନ୍ତି-

‘ ତ ତେ । ଢ ହ ମ ଖୃ ଲ ଂ
ଲୋକମାମନ୍ଦେହ ସମୁଦ୍‌ଭବୈଃ ।
ଭବିଷ୍ୟାମି ସୁରଃ
ଶାକୈଃରାଦୃଷ୍ଟୈଃ ପ୍ରାଣଧାରକୈଃ ।
ଶାକମ୍ଭରୀତି ବିଖ୍ୟାତିଂ ତଦା
ଯାସ୍ୟାମ୍ୟହଂ ଭୁବି ।

ଉକ୍ତ ଶ୍ଳୋକରେ ମାତୃରୂପ ଶାକମ୍ଭରୀ ଅତି ଦୃଷ୍ଟି ସମୟରେ ଶରୀରରୁ ବିନିର୍ଗତ ଶସ୍ୟସମୂହ ଦ୍ୱାରା ସମସ୍ତ ଜଗତ୍‌ବାସୀଙ୍କର ଭରଣ ପୋଷଣ ଦାୟିତ୍ୱ ସମ୍ପନ୍ନ କରନ୍ତି ବୋଲି ଦେବଗଣଙ୍କୁ ସୂଚେଇଛନ୍ତି । ଉକ୍ତ କଥନ ଦ୍ୱାରା ପ୍ରାମାଣିକ ହେଉଛି କି ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଶାକମ୍ଭରୀ ମାତୃଶକ୍ତି ରୂପରେ ସମସ୍ତ ପ୍ରାଣୀଙ୍କର ଅନ୍ତର୍ହୃଦୟରେ ବିଦ୍ୟମାନ ଥାଇ ଏବଂ ପୃଥିବୀ ଦେବୀ ରୂପରେ ସମସ୍ତ ପ୍ରାଣୀଙ୍କୁ ପାଳନ ଦାୟିତ୍ୱ ବହନ କରନ୍ତି ।

ଆଦିବାସୀ ସମାଜରେ ଶକ୍ତିପୂଜାରେ ମହତ୍ତ୍ୱ ମଧ୍ୟ ଦେଖିବାକୁ ମିଳେ । ସେମାନେ ପ୍ରକୃତି ଓ ପ୍ରତୀକର ପୂଜାକୁ ହିଁ ମହତ୍ତ୍ୱ ଦେଉଥିଲେ । ଏତତ୍ ବ୍ୟତୀତ ଏକ ଇଚ୍ଛାସମ୍ଭୂତ ପ୍ରୟୋଗାତ୍ମକ ଶକ୍ତି ପୂଜା ମଧ୍ୟ ସେମାନଙ୍କ ସମାଜରେ ଦେଖିବାକୁ ମିଳିଥାଏ ।

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)


ବର୍ଷ ୨୭, ସଂଖ୍ୟା- ୪୩, ୨୨ - ୨୮ ଅକ୍ଟୋବର ୨୦୨୩

# ଓଡ଼ିଶା ରୂପାନ୍ତରଣର ମହାନାୟକ

ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପରେ ଆରମ୍ଭ ହୋଇଥିବା ଯାତ୍ରାର ନାୟକ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରାଜନୀତିର ଏକ ସଫଳ ବ୍ୟକ୍ତିତ୍ୱ ତଥା ଉତ୍ତୁଙ୍ଗ ନେତୃତ୍ୱ ଭାବରେ ଭାରତ ବର୍ଷରେ ସେ ପ୍ରତିଷ୍ଠିତ । ୧୯୪୬ ମସିହା ଅକ୍ଟୋବର ୧୬ ତାରିଖରେ କଟକରେ ଜନ୍ମଗ୍ରହଣ କରିଥିବା ନବୀନଙ୍କ ଲାଗି ରାଜନୀତିର ଯାତ୍ରା ଅପ୍ରତ୍ୟାଶିତ । ଯଦିଓ ସେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପୁଅ ଭାବରେ ରାଜନୀତିରେ ଉତ୍ତରାଧିକାର ସତ୍ତ୍ୱରେ ଆରମ୍ଭରୁ ବଡ଼ ଦାବିଦାର ହୋଇଥାନ୍ତେ, କିନ୍ତୁ ତାହା ତାଙ୍କ କ୍ଷେତ୍ରରେ ଏକ ବଡ଼ ବ୍ୟତିକ୍ରମ । ସେ ରାଜନୀତିରେ ନ ଥିଲେ କିମ୍ବା ରାଜନୀତି ପ୍ରତି ଅନୁରକ୍ତ ହୋଇ ନ ଥିଲେ । ମାତ୍ର ରାଜନୀତିକୁ ଆସି ରେକର୍ଡ ସଫଳତା ପାଇଲେ ।

ଅର୍ଦ୍ଧଶତାବ୍ଦୀର ବା ୫୦ ବର୍ଷର ଜୀବନରେ ଅପ୍ରତ୍ୟାଶିତ ଭାବେ ରାଜନୀତିକୁ ଆସି ସବୁ ପ୍ରୟୋଗରେ ସଫଳ ହେବା ଏବଂ ଦେଶର ରାଜନୈତିକ ଇତିହାସରେ ନୂଆ ରେକର୍ଡ ସ୍ଥାପନ କରିବାରେ ସେ ସଫଳ ବ୍ୟକ୍ତିତ୍ୱ । ଆଜିର ଦିନରେ ନବୀନ ପଟ୍ଟନାୟକ ହେଉଛନ୍ତି ଦେଶର ସର୍ବାଧିକ ସମୟର ମୁଖ୍ୟମନ୍ତ୍ରୀ । ଯଦିଓ ସିକିମର ପବନ କୁମାର ଚାମଲିଂ ସର୍ବାଧିକ ୨୪ ବର୍ଷ ୧୬୬ ଦିନ ମୁଖ୍ୟମନ୍ତ୍ରୀତ୍ୱର ରେକର୍ଡ ରଖିଛନ୍ତି ତେବେ ସେ ବର୍ତ୍ତମାନ ଶାସନରେ ନାହାନ୍ତି । ୨୦୧୯ ରୁ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମାପ୍ତ ହୋଇଛି । ମୁଖ୍ୟମନ୍ତ୍ରୀ ପଦରେ ଥାଇ ଦୀର୍ଘତମ ରେକର୍ଡ କରିଥିବା ବ୍ୟକ୍ତି ହେଉଛନ୍ତି ଏବେ ନବୀନ ପଟ୍ଟନାୟକ । ୨୩ ବର୍ଷ ୨୨୮ ଦିନ ମଖ୍ୟମନ୍ତ୍ରୀ ଭାବରେ ସେ କାର୍ଯ୍ୟ କରି ସାରିଲେଣି । ଆହୁରି ସମୟ ରହିଛି । ଏହି ବିରଳ ରେକର୍ଡର ଅଧିକାରୀ ସେ ହିଁ କେବଳ ହୋଇଛନ୍ତି । ପଶ୍ଚିମବଙ୍ଗର ଲମ୍ବା ସମୟର ମୁଖ୍ୟମନ୍ତ୍ରୀ ଦିବଂଗତ ଜ୍ୟୋତି ବସୁ (୨୩) ବର୍ଷ ୧୩୮ ଦିନ)ଙ୍କୁ ପଛରେ ପକାଇ ଏକ ଆଞ୍ଚଳିକ ଦଳର ନେତୃତ୍ୱ ନେଇ ନବୀନ ପଟ୍ଟନାୟକ ଭାରତର ରାଜନୀତିରେ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଓଡ଼ିଶା ରାଜନୀତିର ଇତିହାସକୁ ବଦଳାଇ ସେ ଜନନାୟକ ହୋଇଛନ୍ତି । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଲୋକପ୍ରିୟତାରେ ଯେଉଁ ରାଜନୈତିକ ସଫଳତା ତାଙ୍କୁ ମିଳିପାରିନଥିଲା, ତାହା ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ମିଳିଛି । ଓଡ଼ିଶା ରାଜନୀତିର ଯାତ୍ରାରେ କୌଣସି ଆଞ୍ଚଳିକ ଦଳ ବା କୌଣସି ଜାତୀୟ ଦଳ କେବେ ବି ଏପରି ଲମ୍ବା ସମୟର ଶାସନରେ ରହିନଥିଲା । ଓଡ଼ିଶାର ଆଞ୍ଚଳିକ ଦଳର ଅପମୃତ୍ୟୁ ସ୍ୱାଭାବିକ ପ୍ରକ୍ରିୟା ହୋଇଯାଇଥିଲା । ସବୁକିଛିକୁ ପରିବର୍ତ୍ତନ କରି ନବୀନ ରାଜନୀତିର ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି ।

ଲମ୍ବା ସମୟ ଧରି ୨୩ ବର୍ଷ ୨୨୪ ଦିନର ମୁଖ୍ୟମନ୍ତ୍ରୀତ୍ୱ ଓ ବିଜୁ ଜନତାଦଳ (ବିଜେଡି) ଭଳି ଏକ ଆଞ୍ଚଳିକ ଦଳର ଶାସନ ପ୍ରତିଷ୍ଠାରେ ସେ ରାଜନୀତିର ମୋଡ଼ ବଦଳାଇ ଦେଇଛନ୍ତି । କୁହାଯାଏ ପ୍ରାରମ୍ଭରୁ ରାଜନୀତି ପ୍ରତି ସେ ଅନିଚ୍ଛୁକ ଓ ଅମଙ୍ଗ ଥିଲେ । ବାପା ବିଜୁ ପଟ୍ଟନାୟକ ତାଙ୍କର ଦୀର୍ଘ ରାଜନୈତିକ ଜୀବନରେ କେବେ ବି ପରିବାରର କୌଣସି ସଦସ୍ୟଙ୍କୁ ଆଗକୁ ଆଣି ନ ଥିଲେ । ଓଡ଼ିଶାବାସୀ ବିଜୁବାବୁଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକଙ୍କ ଛଡ଼ା ଆଉ କାହାରିକୁ ହୁଏତ ଚିହ୍ନିନଥିଲେ । ୮୦ ଦଶକରେ ନବୀନ ପଟ୍ଟନାୟକ ଯେତେବେଳେ ଓଡ଼ିଶା ବୁଲିବାକୁ ଆସିଥିଲେ ସେତେବେଳେ ଖବରକାଗଜ ପୃଷ୍ଠାରୁ ଲୋକେ ସେ ବିଜୁବାବୁଙ୍କ ସାନପୁଅ ବୋଲି ଜାଣିବାକୁ ପାଇଥିଲେ । ପୁଣି ଦୀର୍ଘବର୍ଷ ପରେ ବିଜୁବାବୁଙ୍କ ଦେହାନ୍ତରେ ତାଙ୍କର ରାଜନୀତିରେ ପ୍ରବେଶ ଅପ୍ରତ୍ୟାଶିତ ହୋଇଥିଲା । ମାତ୍ର ନିଜର 'ବ୍ୟକ୍ତିତ୍ୱ' ପାଇଁ ସେ ଓଡ଼ିଶାର ଜନଜୀବନରେ ସର୍ବଶ୍ରେଷ୍ଠ-ସର୍ବାଧିକ ଜନପ୍ରିୟ ନେତୃତ୍ୱ ଭାବରେ ରହିଗଲେ । ଓଡ଼ିଶାବାସୀ ତାଙ୍କୁ ଅପରାଜେୟ ନେତା କଲେ ଓ ରାଜନୀତିର ସବୁ ପରିଭାଷାକୁ ବଦଳାଇ ନୂଆ ରେକର୍ଡ ପ୍ରତିଷ୍ଠା କରିବାର ସହଯୋଗ- ସମର୍ଥନ ପ୍ରଦାନ କଲେ । ସେଥିଲାଗି ଆଜି ସେ ଦେଶର ସବୁଠାରୁ ଲୋକପ୍ରିୟ ଏବଂ ସର୍ବାଧିକ ସମୟର ମୁଖ୍ୟମନ୍ତ୍ରୀ । ରାଜନୀତିରେ ତାଙ୍କର ୨୫ ବର୍ଷରୁ ଅଧିକ ସମୟ ହେଲାଣି । ବିଜୁବାବୁଙ୍କ ଦେହାନ୍ତ (୧୯୯୭ ମସିହା ଏପ୍ରିଲ ୧୭ ତାରିଖ) ପରେ ସେ ଜନତାଦଳ ଓଡ଼ିଶା ପରିବାରର ଅନୁରୋଧରେ ରାଜନୀତିକୁ ଆସିଥିଲେ । ଉପନିର୍ବାଚନରେ ବିଜୁବାବୁଙ୍କ ଆସନ ଆସିକାରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୫ ବର୍ଷର ଅବଧିରେ ୩ ଥର ସାଂସଦ ଓ ୫ ଥର ବିଧାୟକ ଭାବେ ସେ ନିର୍ବାଚିତ ହୋଇଛନ୍ତି । ୩ ଥରର ସାଂସଦ ସମୟରେ ଦୁଇଥର କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି ଓ ବିଧାୟକତ୍ୱରେ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି । ରାଜନୀତିରେ ଏହା ହେଉଛି ଜଣେ ବ୍ୟକ୍ତିଙ୍କ ଲାଗି ବିରଳ ସଫଳତା । ଓଡ଼ିଶା କ'ଣ, ଭାରତବର୍ଷର କୌଣସି ରାଜନେତାଙ୍କ କ୍ଷେତ୍ରରେ ଏହି ସଫଳତା ମିଳିନାହିଁ । ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଭଲ ପାଇବା ଓ ସମର୍ଥନରୁ ହିଁ ଏହି ସଫଳତା ତାଙ୍କୁ ମିଳିଛି । ସେ ଆଜି ଅପରାଜେୟ ହୋଇ ରହିଛନ୍ତି । ଜଣେ ଲେଖକ ଭାବରେ ରାଜନୀତି ପୂର୍ବର ଜୀବନରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ପାଇଥିବା ନବୀନ ପଟ୍ଟନାୟକ ଏବେ ଓଡ଼ିଶା ରୂପାନ୍ତରଣର ମହାନାୟକ ହୋଇଛନ୍ତି । ଯେତେବେଳେ ସେ ଓଡ଼ିଶାକୁ ଆସି ଶାସନର ଦାୟିତ୍ୱ ନେଇଥିଲେ, ସେତେବେଳେ ମହାବାତ୍ୟା ବିପର୍ଯ୍ୟସ୍ତ ଓଡ଼ିଶା ପୁନଃ ନିର୍ମାଣ ଅପେକ୍ଷାରେ ରହିଥିଲା । ଆର୍ଥିକ ଦେବାଳିଆ ସ୍ଥିତି, ଅନାହାର ଓ ଭୋକର ତାଡ଼ନା, ପିଲା ବିକ୍ରି, ଖାଦ୍ୟାଭାବ, ଶିକ୍ଷା- ନିଯୁକ୍ତି ଓ ଅର୍ଥନୀତି ସବୁଥିରେ ପଛରେ ପଡ଼ିଥିବା ଓଡ଼ିଶାକୁ ଆଗକୁ ନେବାର ଗୁରୁ ଦାୟିତ୍ୱ ତାଙ୍କ ଉପରେ ରହିଥିଲା । ୨୩ ବର୍ଷ ୨୨୪ ଦିନର କାର୍ଯ୍ୟକାଳରେ ଆଜି ସେହି ଓଡ଼ିଶା ଆଉ ନାହିଁ । ଓଡ଼ିଶାର ରୂପାନ୍ତରଣ ଘଟିଛି । ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶାର ରୂପାୟନ ଆଜି ପ୍ରତିଫଳିତ ହେଉଛି । ଆର୍ଥିକ ଦେବାଳିଆରୁ ଓଡ଼ିଶା ବଜେଟ ବଳକା ରାଜ୍ୟ ହୋଇଛି । ଅନାହାର ଓ ଖାଦ୍ୟାଭାବ ସ୍ଥିତିରୁ ଓଡ଼ିଶା ଖାଦ୍ୟ ବଳକା ରାଜ୍ୟ ହୋଇ ଦେଶକୁ ଖାଦ୍ୟଶସ୍ୟ ଯୋଗାଉଛି । ବିପର୍ଯ୍ୟୟରେ ବିଧ୍ୱସ୍ତ ହେଉଥିବା ଓଡ଼ିଶା ଶୂନ୍ୟ ଜୀବନହାନିର ଅଭିଯାନରେ ବିପର୍ଯ୍ୟୟକୁ ପରାସ୍ତ କରୁଛି । ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି ସବୁଥିରେ ଓଡ଼ିଶା ଦେଶର ଆଗୁଆ ରାଜ୍ୟ ହୋଇପାରିଛି । ସେଥିପାଇଁ କୁହାଯାଉଛି ଓଡ଼ିଶାର ରୂପାନ୍ତରଣ ବା ରୂପାନ୍ତରିତ ଓଡ଼ିଶାର ସେ ହେଉଛନ୍ତି ମହାନାୟକ ।



# ନିର୍ଭୟତାର ସନ୍ଦେଶ

## ମହାତ୍ମା ଗାନ୍ଧୀ

ନିର୍ଭୟତା ହେଉଛି ଆଧାତ୍ମିକତାର ସର୍ବପ୍ରଥମ ଆବଶ୍ୟକତା । ଭୀରୁମାନେ କଦାପି ସଦାଚାରୀ ହୋଇ ପାରିବେ ନାହିଁ ।

ଯେଉଁଠାରେ ଭୟ ରହିଥାଏ, ସେଠାରେ କୌଣସି ଧର୍ମ ରହି ପାରେନାହିଁ । ଗୀତା ପାଠ କରିଥିବା ପ୍ରତ୍ୟେକ ବ୍ୟକ୍ତି ଜାଣିଛନ୍ତି ଯେ ନିର୍ଭୟତା ହେଉଛି ଷୋଡ଼ଶ ଅଧ୍ୟାୟରେ କୁହାଯାଇଥିବା ଦିବ୍ୟ ଗୁଣଗୁଡ଼ିକ ମଧ୍ୟରେ ସର୍ବପ୍ରଥମ । କେବଳ ଛନ୍ଦ ମିଳିବାର ଆବଶ୍ୟକତା ଦୃଷ୍ଟିରୁ ଏପରି କୁହାଯାଇଛି ଅଥବା ଜାଣିଶୁଣି ନିର୍ଭୟତାକୁ ସର୍ବଶ୍ରେଷ୍ଠ ସ୍ଥାନ ଦିଆଯାଇଛି, ସେକଥା ମୁଁ କହି ପାରିବିନାହିଁ । ଅବଶ୍ୟ ମୋ'ର ମତ ହେଉଛି ଯେ, ସେଠାରେ ହୁଏତ ଆକସ୍ମିକ ଭାବରେ ନିର୍ଭୟତାକୁ ଯେଉଁ ସର୍ବପ୍ରଥମ ସ୍ଥାନ ଦିଆଯାଇଛି, ତାହା ପାଇବାଲାଗି ନିର୍ଭୟତାର ଯଥେଷ୍ଟ ଯୋଗ୍ୟତା ମଧ୍ୟ ରହିଛି ।

ଅନ୍ୟ ଉତ୍ତମ ଗୁଣଗୁଡ଼ିକର ବିକାଶ ନିମନ୍ତେ ଭୟଶୂନ୍ୟତା ଗୁଣଟି ସବାଆଗ ରହିଥିବା ଏକାନ୍ତ ଅପରିହାର୍ଯ୍ୟ । ଭୟଶୂନ୍ୟ ନ ହେଲେ ଜଣେ ବ୍ୟକ୍ତି କିପରି ସତ୍ୟର ଅନ୍ୱେଷଣ କରିପାରିବ ଅଥବା ପ୍ରେମର ଅନୁଶୀଳନ କରିପାରିବ ? ପ୍ରୀତମ୍ ଯେପରି କହିଛନ୍ତି, 'ହରିଙ୍କର ମାର୍ଗ ହେଉଛି ସାହସୀମାନଙ୍କ ପାଇଁ, ଭୀରୁମାନଙ୍କ ପାଇଁ ଆଦୌ ନୁହେଁ ।' ଏଠାରେ 'ହରି'ର ଅର୍ଥ ହେଉଛି ସତ୍ୟ, ଏବଂ ସାହସୀ ବ୍ୟକ୍ତିମାନେ ନିର୍ଭୟତା ରୂପକ ଅସ୍ତ୍ରଦ୍ୱାରା ସଜ୍ଜିତ ହୋଇ ରହିଥାନ୍ତି । ସେମାନଙ୍କ ପାଖରେ ଖଣ୍ଡା ନ ଥାଏ କି ବନ୍ଧୁକ ନ ଥାଏ, ଏଗୁଡ଼ିକୁ ତ ଭୀରୁମାନେ ହିଁ ଲୋଡ଼ୁଥାନ୍ତି ।

ଭୟ ଶୂନ୍ୟତାର ଅର୍ଥ ହେଉଛି ଯାବତୀୟ ବାହ୍ୟ ଭୟରୁ ମୁକ୍ତି - ରୋଗର ଭୟ, ଶାରୀରିକ ଆଘାତ ବା ମୃତ୍ୟୁର ଭୟ, ଆପଣାର ଧନକୁ କିଏ ଛଡ଼ାଇ ନେଇଯିବ ବୋଲି ଭୟ, ଆପଣାର ପ୍ରିୟ ଜନମାନଙ୍କୁ ହରାଇବାର ଭୟ ଏବଂ ସମ୍ମାନ ହରାଇବାର କିମ୍ବା କାହାକୁ ଅପମାନିତ କରିବାର ଭୟ, ଇତ୍ୟାଦି, ଇତ୍ୟାଦି ।

ସର୍ବୋଚ୍ଚ, ପରମେଶ୍ୱରଙ୍କୁ ଉପଲବ୍ଧି କରିଥିବା ବ୍ୟକ୍ତି ହିଁ ସମ୍ପୂର୍ଣ୍ଣ ନିର୍ଭୟତା ହାସଲ କରି ପାରିବ, କାରଣ ନିର୍ଭୟତାର ଅର୍ଥ ହେଉଛି ଯାବତୀୟ ଭ୍ରମରୁ ମୁକ୍ତି ଲାଭ କରିବାର ଉଚ୍ଚତାରେ ଯାଇ ପହଁଞ୍ଚିବ । ମାତ୍ର, ଜଣେ ବ୍ୟକ୍ତି ଆପଣାର ସଂକଳ୍ପ ତଥା ସତତ ଉଦ୍ୟମ ସହିତ ଏବଂ ନିଜ ଉପରେ ରହିଥିବା ବିଶ୍ୱାସର ବୃଦ୍ଧିସାଧନ ଦ୍ୱାରା ଏହି ଲକ୍ଷ୍ୟ ଦିଗରେ ସର୍ବଦା ଅବଶ୍ୟ ଅଗ୍ରସର ହୋଇ ପାରିବ ।

ନିଜ ଭିତରେ ଯେଉଁ ଶତ୍ରୁମାନେ ରହିଛନ୍ତି, ଆମକୁ ସର୍ବଦା ସେମାନଙ୍କ ବିଷୟରେ ଭୟ ପୋଷଣ କରି ଅଗ୍ରସର ହେବାକୁ ପଡ଼ିବ । କ୍ରୋଧ ପ୍ରଭୃତି ପଶୁସୁଲଭ ପ୍ରବଳ ବୃତ୍ତିଗୁଡ଼ିକୁ ଭୟ କରିବା ଏକାନ୍ତ ଯୁକ୍ତିଯୁକ୍ତ । ଆମ ନିଜ ସଦନଟି ମଧ୍ୟରେ ଆମେ ଏହି ବିଶ୍ୱାସଘାତକ ମାନଙ୍କୁ ଥରେ ଜୟ କରି ନେବା ପରେ ବାହାରର ଭୟଗୁଡ଼ିକ ଆପେ ଆପେ ଚାଲିଯାଆନ୍ତି । ଶରୀରକୁ କେନ୍ଦ୍ର କରି ହିଁ ସବୁଜାକ ଭୟ ଆବିର୍ଭୂତ ହେବାରେ ଲାଗିଥାନ୍ତି ଏବଂ ତେଣୁ, ଶରୀର ପ୍ରତି ରହିଥିବା ଆସକ୍ତିର କବଳରୁ ମୁକ୍ତି ମିଳିଯିବା ମାତ୍ରକେ ସେଗୁଡ଼ିକ ଅନ୍ତର୍ହିତ ହୋଇଯାନ୍ତି ।

ଏହିପରି ଭାବରେ ଆମେ ଦେଖିବାକୁ ପାଇବା ଯେ, ଆମ ନିଜ ଅବଲୋକନର ଭୂମିହୀନ ତନ୍ତୁଗୁଡ଼ିକ ଦ୍ୱାରା ହିଁ ଆମର ଭୟ ବୁଣାହୋଇ ରହିଥାଏ । ଧନସମ୍ପତ୍ତି, ପରିବାର ଏବଂ ଶରୀର ପ୍ରତି ରହିଥିବା ଆମର ଆସକ୍ତିକୁ ଦୂର କରିଦେଇ ପାରିଲେ ଆମ ହୃଦୟରେ ଭୟ ଲାଗି ଆଉ କୌଣସି ସ୍ଥାନ ରହି ପାରେନାହିଁ । 'ତେନ ତ୍ୟକ୍ତେନ ଭୁଞ୍ଜୀଥାଃ' (ତ୍ୟାଗ ଦ୍ୱାରା ହିଁ ତୁମେ ଜଗତର ଯାବତୀୟ ବସ୍ତୁକୁ ଭୋଗ କରିବ) ହେଉଛି ଏକ ଉତ୍ତମ ଅନୁଜ୍ଞା । ଧନସମ୍ପତ୍ତି ରହିବ, ପରିବାର ରହିଥିବ, ଶରୀର ମଧ୍ୟ ରହିଥିବ, ଆମକୁ କେବଳ ସେଗୁଡ଼ିକ ପ୍ରତି ରହିଥିବା ଆମର ଦୃଷ୍ଟିକୋଣକୁ ବଦଳାଇ ଦେବାକୁ ହେବ । ଏହି ସବୁକିଛି ଆମର ନୁହେଁ, ଏହା ଭଗବାନଙ୍କର । ଏହି ପୃଥିବୀରେ ଥିବା କିଛିହେଲେ ଆମର ନୁହେଁ । ଏପରିକି ଆମେ ନିଜେ ମଧ୍ୟ ତାଙ୍କରି । ତେବେ ଆମ ଭିତରେ କାହିଁକି ଆଉ କୌଣସି ଭୟ ରହିବ ?

ସେଥିଲାଗି ଉପନିଷଦରେ ଆମକୁ 'ଦ୍ରବ୍ୟଗୁଡ଼ିକ ପ୍ରତି ସକଳ ଆସକ୍ତିକୁ ପରିତ୍ୟାଗ କରି ସେଗୁଡ଼ିକୁ ଭୋଗ କରିବା' ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥାତ୍ ଆମେ ସେଗୁଡ଼ିକ ବିଷୟରେ ମାଲିକରୂପେ ନୁହେଁ, କେବଳ ସେଗୁଡ଼ିକର ଟ୍ରଷ୍ଟୀ ବା ମାରଫତଦାର ହିସାବରେ ହିଁ ଆଗ୍ରହ ରଖିବା । ଯାହା ତରଫରୁ ଆମେ ସେଗୁଡ଼ିକୁ ନିଜ ପାଖରେ ରଖୁଛୁ, ସେଇ ଆମକୁ ସେଗୁଡ଼ିକୁ ସକଳ ଆକ୍ରମଣକାରୀଙ୍କ ହାତରୁ ରକ୍ଷା କରିବା ନିମନ୍ତେ ଆବଶ୍ୟକ ବଳ ଦେବ, ଆମକୁ ଆବଶ୍ୟକ ଅସ୍ତ୍ର ଆଣି ଯୋଗାଇ ଦେବ ।

ଆମେ ଯେତେବେଳେ ଏହିପରି ଭାବରେ ଆଉ ମାଲିକ ହୋଇ ରହିବା ନାହିଁ ଏବଂ ନିଜକୁ ଆମର ପାଦତଳେ ରହିଥିବା ଧୂଳିଠାରୁ ମଧ ଅଧିକ ବିନୀତ ଭୃତ୍ୟମାନଙ୍କର ଶ୍ରେଣୀକୁ ଖସାଇ ଆଣିବା, ସେତେବେଳେ ସକଳ ଭୟ କୁହୁଡ଼ି, ପରି ହିଁ ଅପସରି ଚାଲିଯିବ । ସେତେବେଳେ ଆମେ ଅନିର୍ବଚନୀୟ ଶାନ୍ତିର ଅଧିକାରୀ ହେବା ଏବଂ ସତ୍ୟନାରାୟଣଙ୍କର ପ୍ରତ୍ୟକ୍ଷ ଦର୍ଶନ ଲାଭ କରିବା ।

ଆମେ ଈଶ୍ୱରଙ୍କୁ ହିଁ ଭୟ କରିବା, ତେବେ ଆଉ କଦାପି ମନୁଷ୍ୟକୁ ଭୟ କରିବାକୁ ପଡ଼ିବ ନାହିଁ । ଆମର ଚାରିପାଖରେ ଏତେବେଶୀ ସନ୍ଦେହ ଏବଂ କପଟ ପୂର୍ଣ୍ଣ ହୋଇ ରହିଛି ଯେ, ଠିକ୍ କାର୍ଯ୍ୟଟିକୁ କରିବା ନିମନ୍ତେ ମଧ ମଣିଷକୁ ଭୟ ଲାଗୁଛି । ମାତ୍ର, ଯଦି ଆମେ ଭୟକୁ ବାଟ ଛାଡ଼ିଦେବା, ତେବେ ସତ୍ୟକୁ ମଧ ଦବାଇ ରଖିବାକୁ ପଡ଼ିବ । ତେଣୁ, ସର୍ବୋତ୍ତମ ବାଟଟି ହେଉଛି, ଆମେ ଯାହାକୁ ଠିକ୍ ବୋଲି ବିଶ୍ୱାସ କରୁଛୁ ଆଦୌ କୌଣସି ଭୟ ନକରି ଆମେ ସେହି ଅନୁସାରେ ହିଁ କାର୍ଯ୍ୟ କରିଯିବା ।"

ଭୟଶୂନ୍ୟତା କହିଲେ କଦାପି ଉଦ୍ଧତ କିମ୍ବା ଉଗ୍ର ହେବାକୁ ବୁଝାଏ ନାହିଁ । ସେଇଟି ମଧ ଭୟର ହିଁ ଏକ ସଙ୍କେତ । ନିର୍ଭୟ ହେବାକୁ ହେଲେ ତୁମେ ସ୍ଥିର ହୋଇଥିବ ଓ ମନ ଶାନ୍ତ ରହିଥିବ । କାରଣ, ଈଶ୍ୱରଙ୍କଠାରେ ଏକ ଜୀବନ୍ତ ବିଶ୍ୱାସ ରଖିବାକୁ ହେଲେ ତାହା ଅତ୍ୟାବଶ୍ୟକ । ଭୟ ଏପରି ଏକ ବସ୍ତୁ, ଯାହାକୁ ମୁଁ ଆଦୌ ଭଲ ପାଏନାହିଁ । ଜଣେ ମନୁଷ୍ୟ ଆଉ ଜଣେ ମନୁଷ୍ୟକୁ କାହିଁକି ଭୟ କରିବ ? ମନୁଷ୍ୟ କେବଳ ଈଶ୍ୱରଙ୍କୁ ହିଁ ଭୟ କରିବ, ତେବେ ସିଏ ଅନ୍ୟ ଯାବତୀୟ ଭୟରୁ ଆପଣାକୁ ମୁକ୍ତ କରିଦେଇ ପାରିବ ।

# ଶକ୍ତିରୂପେଣ....... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଆଦିବାସୀ ସମାଜ ମଧ୍ୟରେ ପ୍ରକୃତି ପୂଜାର ନିଦର୍ଶନ ହେଉଛି ଧରିତ୍ରୀ, ମେଘ, ପର୍ବତ, ଜଙ୍ଗଲ, ସୂର୍ଯ୍ୟ ଓ ଚନ୍ଦ୍ର ଆଦିଙ୍କର ପୂଜା ଶସ୍ୟ ଉତ୍ପାଦନ କରି ସର୍ଭିଙ୍କୁ ପାଳନ କରୁଥିବାରୁ ଧରଣୀ ଦେବତାର ଆରାଧନା ଆଦିବାସୀ ସମାଜର ପ୍ରଚଳିତ । ସମସ୍ତଙ୍କର ଜୀବନଶକ୍ତି ଜଳ ଉପରେ ନିର୍ଭର କରେ । ତେଣୁ ତା'ର ମୂଳ ଉତ୍ସ ମେଘରେ ପୂଜା ଆବଶ୍ୟକ । ବିବିଧ ଜନ୍ତୁ ଫଳମୂଳ ଝରଣା ଆଦିର ଗନ୍ତାଘର ତଥା ଆଶ୍ରୟସ୍ଥଳୀ ରୂପେ ବ୍ୟବହୃତ ହେଉଥିବା ଆଦିର ମୂଳ ଉତ୍ସ ପର୍ବତ ପୂଜା ଯୋଗ୍ୟ । ଶିକାରରୁ ଖାଦ୍ୟ, ବସ୍ତ୍ର, ଫଳମୂଳ ଓ ଅନ୍ୟାନ୍ୟ ଯାବତୀୟ ଆବଶ୍ୟକତା ମେଣ୍ଟାଉଥିବା ଜଙ୍ଗଲକୁ ମଧ ଦେବତା ରୂପେ ଆଦିବାସୀ ସମାଜରେ ସମ୍ମାନ ଦିଆଯାଏ । ସୂର୍ଯ୍ୟ, ଚନ୍ଦ୍ର, ତାରା ଏମାନେ ଆଲୋକର ଉତ୍ସ । ସମସ୍ତ ଜୀବନର ସ୍ୱଚ୍ଛଳ ପ୍ରକାଶ ଓ ବିକାଶରେ ସେମାନଙ୍କର ଅବଦାନ ଅକଳ୍ପନୀୟ ତଥା ଏ ପୃଥିବୀର ଯାବତୀୟ ଜୀବନୀ ଶକ୍ତିର ପ୍ରଥମ ପୂଜକ ରୂପରେ ପରିଣତ ।

ସଂସାରରେ ବା ଜଗତରେ ଯାହାସବୁ ହେଉଅଛି, ହେବ ଏବଂ ହୋଇଥିବା ସେ ସବୁ ବ୍ରହ୍ମର ଶକ୍ତିରୁ ନିଷ୍ପନ୍ନ ଶକ୍ତିକୁ ଶକ୍ତିମାନଙ୍କ ଠାରୁ ପୃଥକ କରିହେବ ନାହିଁ । ଅତଏବ ଶକ୍ତିକୁ ଶକ୍ତିମାନଙ୍କ ଠାରୁ ଭିନ୍ନ ରୂପରେ ଗଣନା କରାଯାଇପାରେ ନାହିଁ । ବ୍ରହ୍ମ ଏକମାତ୍ର ଶକ୍ତି ଜଗତର ନାନାରୂପରେ ପ୍ରକଟିତ ହୋଇଅଛି । ଶକ୍ତି ଯେତେବେଳେ ଶାନ୍ତ ଅର୍ଥାତ୍ ନିଷ୍କ୍ରିୟ ଅବସ୍ଥାରେ ଥାଏ, ସେତେବେଳେ ସେ ସହଜରେ ଜଣାପଡ଼େ ନାହିଁ । କିନ୍ତୁ ସେ ଯେତେବେଳେ ପ୍ରକାଶିତ ଓ ସକ୍ରିୟ ହୁଏ ସେତେବେଳେ ଜଣାପଡ଼େ । ଯାହାର ଐଶ୍ୱର୍ଯ୍ୟ ଅଛି ସେ ହେଉଛନ୍ତି ଈଶ୍ୱର । ନିର୍ଗୁଣ ଶିବଙ୍କର ଐଶ୍ୱର୍ଯ୍ୟ ନାହିଁ । ତେଣୁ ସେ ଈଶ୍ୱର ହୋଇ ନ ପାରନ୍ତି । ଐଶ୍ୱର୍ଯ୍ୟ ଗୋଟିଏ ଗୁଣ ବା ଧର୍ମ । ଧର୍ମ, ଗୁଣ ଓ ଶକ୍ତି ଏକ ଓ ଏକାଧିକ । ସୁତରାଂ ଈଶ୍ୱରନ୍ତୁ ରହିଲେ ନିର୍ଗୁଣତ୍ୱ ସମ୍ଭବପର ହେବ ନାହିଁ । ଶକ୍ତିଯୁକ୍ତ ଶିବ ହେଉଛନ୍ତି ଈଶ୍ୱର । ଶକ୍ତିଯୁକ୍ତ ହେଲେ ଶିବ ଈଶ୍ୱରତ୍ୱ ଲାଭ କରନ୍ତି । ତେଣୁ ଶକ୍ତି ହେଉଛନ୍ତି ଐଶ୍ୱର୍ଯ୍ୟ ନିର୍ବାହ୍ୟ କଳ୍କୀ ବା ଈଶ୍ୱରୀ । ବ୍ରହ୍ମର ଯେଉଁ ଶକ୍ତି ହେଉଛି 'ଚିତ୍'' ତା'ର ପରିଣାମ ଏ 'ଜଗତ୍' ଶକ୍ତି ହିଁ କେବଳ ଜଗତ୍ ରୂପରେ ତଥା ସର୍ବ ପ୍ରାଣୀମାନଙ୍କ ହୃଦୟରେ ମାତୃଶକ୍ତି ରୂପରେ ବିଦ୍ୟମାନ ରହି ସମଗ୍ର ଜଗତ୍ ଓ ପ୍ରାଣୀମାନଙ୍କୁ ସଂଚାଳନ କରିଥାନ୍ତି ।

## ସ୍ୱର୍ବେଦ


**ମାୟା ଲୋକ ଛୋଡ଼ାୟ କର,**
**ଚେତନ ଲୋକ ନିୱାସ ।**
**ସଦ୍‌ଗୁରୁ ତାକୋ ଜାନିୟେ, ଭଛି**
**ମୁଛି ତେହି ପାସ ॥୦୮॥**

ଭାଷ୍ୟ - ଯିଏ ନିଜ ଜୀବନ ଭକ୍ତି ଦ୍ୱାରା ମାୟାଲୋକ ଛାଡ଼ି ଚେତନମଣ୍ଡଳର ପ୍ରାପ୍ତି କରାଇ ଜୀବକୁ ମୁକ୍ତ କରିଥାନ୍ତି, ତାଙ୍କୁ ସଦ୍‌ଗୁରୁ କୁହାଯାଏ ।

**ଗୁରୁଓଁ କା ଗୁରୁ ପୁରୁଷ ହୈ, ଅମିତ**
**ଜ୍ଞାନ ଜନ ଦେୟ ।**
**ଶ୍ରୁତ ଜ୍ଞାନ ସୋଇ ଜଗତ ମେଁ,**
**ଚାରୋଁ ଯୁଗ ଜନ ଲେୟ ॥୦୯॥**

ଭାଷ୍ୟ - ଅନନ୍ତ ଜ୍ଞାନର ପ୍ରଦାତା, ସର୍ବ ଗୁରୁମାନଙ୍କର ଗୁରୁ ପରମ ପୁରୁଷ ଅଟନ୍ତି । ଚାରି ଯୁଗରେ ଯାହାଙ୍କର ଜ୍ଞାନଧାରା ଯୋଗୀମାନଙ୍କର ଆତ୍ମାରେ ପ୍ରକଟ ହୋଇ ସଂସାରରେ ପ୍ରକଟ ପ୍ରବାହିତ ହୋଇଥାଏ ।

**ଭେଦ ବୋଧ ତତ୍ତ୍ୱ ଜ୍ଞାନ ହୈ,**
**ବ୍ରହ୍ମନିଷ୍ଠ ଗୁରୁ ମାନ ।**




**ଆପ୍ତ ସତ୍ୟ ସିଦ୍ଧାନ୍ତ ହୈ, ଅନ୍ୟ**
**ଗୁରୁ ନହିଁ ଜାନ ॥୧୦॥**

ଭାଷ୍ୟ - ଶ୍ରୁତ ଜ୍ଞାନ ପ୍ରବାହୀ ବ୍ରହ୍ମନିଷ୍ଠ ସଦ୍‌ଗୁରୁ ହୋଇଥାନ୍ତି, ଯିଏ ଆଭ୍ୟନ୍ତର ଭେଦ ସାଧନ ରହସ୍ୟର ପୂର୍ଣ୍ଣ ଜ୍ଞାତା, ଅନୁଭବୀ ହୋଇଥାନ୍ତି । ସେହି ଆପ୍ତ ପୁରୁଷଙ୍କର ବଚନ ଶବ୍ଦ ପ୍ରମାଣ ଅଟେ ଏବଂ ସେ ହିଁ ଈଶ୍ୱରୀୟ ଧାରପ୍ରବାହୀ ସଦ୍‌ଗୁରୁ ଅଟନ୍ତି, ଅନ୍ୟ ଗୁରୁ ନୁହେଁ ।

**ଅନୁଭବ ଜ୍ଞାନ ଆନନ୍ଦ ମେଁ, ସନୀ**
**ୱାକ ପରଭାୱ ।**
**ଜିଜ୍ଞାସୂ କେ ବୋଧ କା, କାରଣ**
**ହୋୟ ସ୍ୱଭାୱ ॥୧୧॥**

ଭାଷ୍ୟ - ବ୍ରହ୍ମବିଦ୍ୟା ଜ୍ଞାନ-ଆନନ୍ଦରେ ପୂର୍ଣ୍ଣ ବାଣୀ ପ୍ରଭାବଶାଳୀ ହୋଇଥାଏ, ଯାହା ଦ୍ୱାରା ଉତ୍ତମ କୋଟିର ଜିଜ୍ଞାସୁମାନଙ୍କୁ ଶୀଘ୍ର ବୋଧ ଏବଂ ଶାନ୍ତିର ପ୍ରାପ୍ତି ହୋଇଥାଏ ।

**ହୀରା ମଣି ମାଣିକ ସକଲ, ମୂଲ୍ୟ**
**ସବନ କା ହୋୟ ।**
**ସଦ୍‌ଗୁରୁ ୱଚନ ଅମୂଲ୍ୟ ହୈ,**
**ପରମ ପୁରୁଷ ମିଲ ସୋୟ ॥୧୨॥**

ଭାଷ୍ୟ - ହୀରା, ମଣି ଆଦି ସମସ୍ତ ରତ୍ନମାନଙ୍କର ମୁଲ୍ୟ ଅଛି, କିନ୍ତୁ ସଦ୍‌ଗୁରୁ ବଚନର ମୂଲ୍ୟ ନାହିଁ । ଯେଉଁ ବଚନକୁ ଗ୍ରହଣ କରି ନେବା ଦ୍ୱାରା ପରମ ପୁରୁଷଙ୍କ ପ୍ରାପ୍ତି ଏବଂ ଆତଯାତ ଦୁଃଖରୁ ମୁକ୍ତି ମିଳିଥାଏ ।

**ପରମେଶ୍ୱର ଜିୱ ସାଥ ହେ,**
**ଅମିତ କାଲ ଗୟ ବୀତ ।**
**ଜିୱ ତ୍ରିତାପ ଛୂଟା ନହିଁ, ବିନ**
**ସଦ୍‌ଗୁରୁ ମହଁ ପ୍ରୀତି ॥୧୩॥**

ଭାଷ୍ୟ - ଅନନ୍ତ କାଳରୁ ପରମେଶ୍ୱରଙ୍କର ସହିତ ଜୀବ ସଂଲଗ୍ନ ହୋଇ ରହିଛି । ଉଭୟଙ୍କର ନିତ୍ୟ ସମ୍ବନ୍ଧ ରହିଛି । କଦାପି ବିୟୋଗ ହୁଏ ନାହିଁ । ଏ ପ୍ରକାରେ ଅନେକ ଦିନ ଅତିକ୍ରାନ୍ତ ହେଲା କିନ୍ତୁ ଜୀବର ତ୍ରିବିଧ ଦୁଃଖ ଯାଇ ନାହିଁ । ସଦ୍‌ଗୁରୁଙ୍କର ପ୍ରେମ ବିନା କେବଳ ସଦ୍‌ଜ୍ଞାନରୁ ମହାପ୍ରଭୁଙ୍କର ପ୍ରାପ୍ତି ହୋଇ ନ ଥାଏ । ସଦ୍‌ଗୁରୁ ଦ୍ୱାରା ପରଂବ୍ରହ୍ମଙ୍କର ପ୍ରାପ୍ତି ହୋଇଥାଏ, କେବଳ ବାଚକ ଜ୍ଞାନ ଅଥବା ପୁସ୍ତକ ଅଧ୍ୟୟନରୁ ନୁହେଁ, ନା କୌଣସି କର୍ମ, ଜପ ଓ ଅନୁଷ୍ଠାନ ଦ୍ୱାରା ହିଁ ସେହି ପ୍ରଭୁଙ୍କୁ ଲାଭ କରିହୁଏ । ପ୍ରଭୁପ୍ରାପ୍ତିର ଏକ ମାର୍ଗ ବ୍ରହ୍ମବିଦ୍ୟା, ସହଜ ଯୋଗ ଅଟେ ଯାହା ସଦ୍‌ଗୁରୁ ମିଳିବା ପରେ ପ୍ରାପ୍ତ ହୋଇଥାଏ । ସୁତରାଂ ସଦ୍‌ଗୁରୁଙ୍କର ଶରଣାଗତ ହୋଇ ବ୍ରହ୍ମବିଦ୍ୟାର ସନ୍ମାର୍ଗ ଦ୍ୱାରା ପ୍ରଭୁଙ୍କର ଉପାସନ କରି ଜୀବନ୍ମୁକ୍ତ ହୋଇ ପରମାନନ୍ଦର ଉପଭୋଗ କରନ୍ତୁ ।

## କଦଳୀ ପତ୍ରରେ ଖାଇବାର ସୁଫଳ

ଫାଇବର, କାଚ, କଂସା, ସିଲଭର ଓ ଷ୍ଟିଲ ଆଦି ପ୍ଲେଟରେ ଖାଦ୍ୟ ଖାଇବା ଅପେକ୍ଷା କଦଳୀ ପତ୍ରରେ ଖାଇଲେ ଅଧିକ ଆନନ୍ଦ ମିଳିଥାଏ । ଖାଲି କଦଳୀ ପତ୍ରରେ ଖାଇବା ଦ୍ୱାରା ଶାନ୍ତି ମିଳିଥାଏ ତାହା ନୁହେଁ, ଏହା ଦ୍ୱାରା ଶରୀରର କେତେକ ରୋଗ ମଧ ଭଲ ହୋଇଥାଏ ।



କଦଳୀ ପତ୍ରରେ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଖାସ୍ ସେଥିପାଇଁ ଆଜିକାଲି ବଡ଼ବଡ଼ ହୋଟେଲମାନଙ୍କରେ ଗ୍ରାହକଙ୍କୁ କଦଳୀ ପତ୍ରରେ ଖାଦ୍ୟ ପରଶା ଯାଉଛି । ଯଦି ଆପଣ ପ୍ରତ୍ୟହ କଦଳୀ ପତ୍ରରେ ଖାଦ୍ୟ ଖାଉଛନ୍ତି, ତେବେ ଆପଣଙ୍କୁ କର୍କଟ ରୋଗ ହେବାର ଆଶଙ୍କା କମ୍ ରହିଥାଏ । ଯେଉଁମାନେ ଏହି ରୋଗରେ ପୀଡିତ ଅଛନ୍ତି, ସେମାନେ କଦଳୀ ପତ୍ରରେ ଖାଇବା ଲାଭପ୍ରଦ ହୋଇଥାଏ । କଦଳୀ ପତ୍ରରେ ଖାଇବା ଦ୍ୱାରା ଶରୀରରେ ପୋଷକତତ୍ତ୍ୱ ବୃଦ୍ଧି ପାଇଥାଏ । କଦଳୀ ପତ୍ରରେ ଖାଦ୍ୟ ରଖିବା ଖାଦ୍ୟରେ ଥିବା ନକାରାତ୍ମକ ଶକ୍ତି ହ୍ରାସ ପାଇଥାଏ । ଏହା ଏକ ଆଣ୍ଟି ବ୍ୟାକ୍ଟେରିଆ ଭଳି କାମ କରିଥାଏ । କଦଳୀ ପତ୍ରରେ ଖାଇବା ଦ୍ୱାରା ଖାଦ୍ୟର ସ୍ୱାଦ ଦ୍ୱିଗୁଣିତ ହୋଇଥାଏ । ପ୍ଲେଟରେ ଖାଇବା ଦ୍ୱାରା ଏଥିରେ ଥିବା ରାସାୟନିକ ପଦାର୍ଥ ଆମ ଶରୀର ଉପରେ କୁପ୍ରଭାବ ପକାଇଥାଏ । କଦଳୀ ପତ୍ର ସ୍ୱଚ୍ଛ ହେଉଥିବାରୁ ରାସାୟନିକ ପଦାର୍ଥର ଭୟ ରହି ନ ଥାଏ ।

## ନବରାତ୍ର ଓ ନବଦୁର୍ଗା

ଭଗବାନ ବିଷ୍ଣୁଙ୍କର ଯେପରି ଅନେକ ଅବତାର ଅଛି ମା' ଦୁର୍ଗାଙ୍କର ମଧ ସେହିପରି ଅନେକ ଅବତାରର କଥା ଦେବୀଭାଗବତ, ସପ୍ତଶତୀ ଚଣ୍ଡୀ ପ୍ରଭୃତିରେ ବର୍ଣ୍ଣନା କରାଯାଇଛି । ପ୍ରତ୍ୟେକ ଅବତାରର ମଧ ରୂପ ଅଲଗା ଅଲଗା ହୋଇଥାଏ । ମା' କେତେବେଳେ କାଳରାତ୍ରି, କେତେବେଳେ ଉଗ୍ରଚଣ୍ଡୀ, କେତେବେଳେ ଧୂମାବତୀ, ପୁଣି କେତେବେଳେ ଲଳିତା ବା ଆନନ୍ଦମୟୀ । ବିଭିନ୍ନ ମନସ୍କାମନା ପୂର୍ତ୍ତି ନିମନ୍ତେ ଭକ୍ତଗଣ ମାଆଙ୍କର ଭିନ୍ନ ଭିନ୍ନ ରୂପର ଆରାଧନା କରିଥାନ୍ତି । ନବରାତ୍ର ବା ନବଦିନାତ୍ମକ ଦୁର୍ଗାପୂଜାରେ ନଅ ପ୍ରକାର ଦେବୀ ମୂର୍ତ୍ତିର ପରିକଳ୍ପନା କରାଯାଇ ପୂଜା କରାଯାଏ ।

ସପ୍ତସତୀ ଚଣ୍ଡୀରେ ଏହି ନବଦୁର୍ଗାଙ୍କ ସମ୍ପର୍କରେ ଥିବା ବର୍ଣ୍ଣନା ଅନୁସାରେ-

ପ୍ରଥମଂ ଶୈଳପୁତ୍ରୀ ଚ ଦିତୀୟଂ ବ୍ରହ୍ମଚାରିଣୀ ।
ତୃତୀୟଂ ଚନ୍ଦ୍ରଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍ ।
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟନୀ ଚ
ସପ୍ତମଂ କାଳରାତ୍ରୀତି ମହାଗୌରୀତି ଚାଷ୍ଟମମ୍ ।
ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗା ପ୍ରକୀର୍ତ୍ତିତାଃ
ଉକ୍ତାନ୍ୟେତାନି ନାମାନି ବ୍ରହ୍ମଣୈବ ମହାତ୍ମନା ।

ଅର୍ଥାତ୍ ବ୍ରହ୍ମାଙ୍କ କଥନ ଅନୁସାରେ ନବଦୁର୍ଗାଙ୍କ ନଅଟି ରୂପ ହେଉଛି : ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ ।

ନବଦୁର୍ଗାଙ୍କର ପ୍ରଥମ ରୂପ ହେଉଛି ଶୈଳପୁତ୍ରୀ । ସ୍ୱାମୀଙ୍କର ନିନ୍ଦା ସହ୍ୟ କରି ନ ପାରି ଦକ୍ଷଯଜ୍ଞରେ ଦକ୍ଷ ରାଜକନ୍ୟା ସତୀ ଆତ୍ମାହୁତି ଦେଇ ପରଜନ୍ମରେ ପର୍ବତରାଜ ହିମାଳୟଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କରିଥିଲେ । ତେଣୁ ତାଙ୍କର ନାମ ହେଲା ପାର୍ବତୀ ବା ଶୈଳପୁତ୍ରୀ ବା ହୈମବତୀ । ଏହି ରୂପରେ ଦେବୀ ହେଉଛନ୍ତି ଦ୍ୱିଭୁଜା । ତାଙ୍କର ବାମହସ୍ତରେ ପଦ୍ମଫୁଲ ଓ ଦକ୍ଷିଣହସ୍ତରେ ତ୍ରିଶୂଳ ଶୋଭା ପାଉଥାଏ । ବୃଷଭବାହନା ଦେବୀଙ୍କର ଏହି ରୂପ ନବରାତ୍ରର ପ୍ରଥମ ରାତ୍ରିରେ ପୂଜା କଲେ ସକଳ ମନୋଭୀଷ୍ଟ ପୂରଣ ହୋଇଥାଏ ।

ଦେବୀଙ୍କର ଦ୍ୱିତୀୟ ରୂପ ହେଉଛି ବ୍ରହ୍ମଚାରିଣୀ । ବ୍ରହ୍ମ ଅର୍ଥ ବୃଦ୍ଧି ବା ବିକାଶ ଏବଂ ଚର୍ଯ୍ୟା ଅର୍ଥ ଆଚରଣ । ଦେବୀ ନାରଦଙ୍କ ପରାମର୍ଶକ୍ରମେ ଶିବଙ୍କୁ ପତି ରୂପରେ ପାଇବା ପାଇଁ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଦୀର୍ଘକାଳ କଠୋର ତପସ୍ୟା ଆଚରଣ କରିଥିଲେ । ତେଣୁ ତାଙ୍କର ନାମ ହେଲା ବ୍ରହ୍ମଚାରିଣୀ । କୁହାଯାଏ ତପଶ୍ଚାରିଣୀ ରୂପରେ ଦେବୀ ପ୍ରଥମେ ଫଳମୂଳ ଆହାର କରୁଥିଲେ । ତା'ପରେ କେବଳ ଗଛର ପତ୍ର ଖାଇ ଓ ଝରଣାର ଜଳପାନ କରି ତପସ୍ୟା କଲେ । ଶେଷକୁ ପତ୍ର ଖାଇବା ମଧ ଛାଡ଼ିଦେଲେ । ପତ୍ରକୁ ପର୍ଣ୍ଣ କୁହାଯାଏ । ପତ୍ର ଆହାର ମଧ ତ୍ୟାଗ କରିଥିବାରୁ ଦେବୀଙ୍କର ନାଁ ହେଲା ଅପର୍ଣ୍ଣା । ସେତେବେଳେ ତାଙ୍କର ଶରୀର ଶୀର୍ଷ ହୋଇଗଲା । ଝିଅର ଏ ଅବସ୍ଥା ଦେଖି ତାଙ୍କର ମା ମେନା ତାଙ୍କୁ ଉମା (ଉ–ହେ, ମା-ନା) କହି ଏ କଠୋର ତପ କରିବାକୁ ବାରଣ କଲେ । ସେହିଦିନଠାରୁ ତାଙ୍କର ଆଉ ଗୋଟିଏ ନାମ ହେଲା ଉମା । ଏହି ବ୍ରହ୍ମଚାରିଣୀ ରୂପରେ ଦେବୀ ଦ୍ୱିଭୁଜା, ଶରୀର ଶୁଭ୍ର ତେଜପୁଞ୍ଜଯୁକ୍ତ, ଦକ୍ଷିଣ ହସ୍ତରେ ଜପମାଳା ଓ ବାମ ହସ୍ତରେ କମଣ୍ଡଳୁ ଶୋଭା ପାଉଥାଏ । ନବରାତ୍ରର ଦ୍ୱିତୀୟ- ଦିନରେ ବ୍ରହ୍ମଚାରିଣୀଙ୍କ ପୂଜାର୍ଚ୍ଚନା କଲେ ଦୃଢ଼ ଇଚ୍ଛାଶକ୍ତି ବଳରେ ସମସ୍ତ ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ । ଦେବୀଙ୍କର ତୃତୀୟ ରୂପ ହେଉଛି ଚନ୍ଦ୍ରଘଣ୍ଟା ! ସୁବର୍ଣ୍ଣକାନ୍ତି ବିଶିଷ୍ଟ ଦେବୀଙ୍କ ମସ୍ତକୋପରି ଘଣ୍ଟା ସଦୃଶ ଅର୍ଦ୍ଧଚନ୍ଦ୍ର ବିରାଜମାନ କରୁଥିବାରୁ ତାଙ୍କର ଏପରି ନାମ ହୋଇଛି । ଏହି ରୂପରେ ଦଶଭୁଜା ଦେବୀଙ୍କର ବାହନ ବ୍ୟାଘ୍ର । ଚନ୍ଦ୍ରଘଣ୍ଟାଙ୍କର ଉପାସନା କଲେ ସମସ୍ତ ପାପ କ୍ଷୟ ହୁଏ ଓ ଗ୍ରହଦୋଷ ନିବାରଣ ହୁଏ ।

ମାଆଙ୍କର ଚତୁର୍ଥ ରୂପ ହେଉଛି କୁଷ୍ମାଣ୍ଡା । କୁଷ୍ମାଣ୍ଡ ଅର୍ଥ କଖାରୁ ବା ପାଣିକଖାରୁ । ପାଣିକଖାରୁ ଏକ ଉତ୍ତମ ପରିବା । ଏହି ଲତାଫଳରେ ଅନେକ ଔଷଧୀୟ ଗୁଣ ମଧ ରହିଛି । ତେଣୁ ମାଆ ପାଣିକଖାରୁକୁ ଭଲ ପାଆନ୍ତି । ଦେବୀଙ୍କ ପାଖରେ ପାଣିକଖାରୁ ବଳି ଦିଆଯିବାର ପରମ୍ପରା ରହିଛି । କୁଷ୍ମାଣ୍ଡକୁ ଭଲ ପାଉଥିବାରୁ ଦେବୀଙ୍କର ଅନ୍ୟ ନାମ କୁଷ୍ମାଣ୍ଡା । ଅନ୍ୟ ମତରେ ସ୍ମିତହାସ୍ୟରେ ଦେବୀ ଏ ବ୍ରହ୍ମାଣ୍ଡକୁ ସୃଷ୍ଟି କରିଥିବାରୁ ତାଙ୍କ ନାମ କୁଷ୍ମାଣ୍ଡା । ଏହି ରୂପରେ ଦେବୀ ଅଷ୍ଟଭୁଜା । - ଦେବୀଙ୍କର ପଞ୍ଚମ ରୂପ ହେଉଛି ସ୍କନ୍ଦମାତା । ସ୍କନ୍ଦ ଅର୍ଥ ଦେବସେନାନୀ କାର୍ତ୍ତିକେୟ । ତାଙ୍କର ମାଆ ହୋଇଥିବାରୁ ଦେବୀଙ୍କର ନାମ ସ୍କନ୍ଦମାତା । ଚତୁର୍ଭୁଜା ସ୍କନ୍ଦମାତା ଗୋଟିଏ ହସ୍ତରେ ଜ୍ୟେଷ୍ଠପୁତ୍ର ସ୍କନ୍ଦଙ୍କୁ ଧରିଥିବା ବେଳେ ତାଙ୍କର ଅନ୍ୟ ଏକ ହସ୍ତ ଆଶିଷ ମୁଦ୍ରାରେ ଭକ୍ତମାନଙ୍କୁ ଶୁଭାଶୀର୍ବାଦ ବର୍ଷଣ କରୁଥାଏ । ଅନ୍ୟ ଦୁଇ ହସ୍ତରେ ଧନୁର୍ବାଣ ଓ ପଦ୍ମଫୁଲ ଶୋଭା ପାଉଥାଏ । ନବରାତ୍ରର ପଞ୍ଚମ ଦିନରେ ସ୍କନ୍ଦମାତାଙ୍କର ପୂଜା କଲେ ଭକ୍ତର ସମସ୍ତ ମନସ୍କାମନା ପୂରଣ ହୁଏ । ଦେବୀଙ୍କର ଷଷ୍ଠ ରୂପ ହେଉଛି କାତ୍ୟାୟନୀ । ଋଷିବର କାତ୍ୟାୟନଙ୍କ ଭକ୍ତିରେ ପ୍ରସନ୍ନା ହୋଇ ଦେବୀ ତାଙ୍କର କନ୍ୟା ରୂପରେ ଜନ୍ମଗ୍ରହଣ କରିଥିଲେ । ତେଣୁ ତାଙ୍କର ନାମ କାତ୍ୟାୟନୀ । ଦେବୀ କାତ୍ୟାୟନୀ ଗୌରବର୍ଣ୍ଣା, ଚତୁର୍ଭୁଜୀ ଓ ସିଂହାସୀନା । ଦେବୀ ଗୋଟିଏ ହସ୍ତରେ ଅଭୟ ମୁଦ୍ରାରେ ଥିବା ବେଳେ ଅନ୍ୟ ହସ୍ତ ବର୍ଗଦ ମୁଦ୍ରାରେ ଥାଏ । ସେ ଅନ୍ୟ ଦୁଇ ହସ୍ତରେ ଖଡଗ ଓ ପଦ୍ମପୁଷ୍ପ ଧାରଣ କରିଥାନ୍ତି । ନବରାତ୍ରର ଷଷ୍ଠ ଦିନ ତାଙ୍କର ଉପାସନା କଲେ ଚତୁର୍ବର୍ଗ ଫଳପ୍ରାପ୍ତି ହୋଇଥାଏ ।

ଦେବୀଙ୍କର ସପ୍ତମ ରୂପ କାଳରାତ୍ରି । ଚତୁର୍ଭୁଜା ଅବିନ୍ୟସ୍ତକେଶ ଦେବୀଙ୍କର କାଳରାତ୍ରିର ସ୍ଥୂଳାନ୍ଧକାର ସଦୃଶ ଏହି କଳା ରୂପ ଅତି ଭୟଙ୍କର । ଶତ୍ରୁ ଓ ଅସୁର ଦମନ ପାଇଁ ସେ ଏହି ଭୟଙ୍କର ରୂପ ଧାରଣ କରିଥିଲେ ମଧ ଭକ୍ତ ଓ ସନ୍ତାନମାନଙ୍କ ପାଇଁ ସେ ଅଭୟପ୍ରଦା । ସେ ବିଦ୍ୟୁତ୍ ଭଳି ଚମକୁଥିବା ମାଳା ପରିଧାନ କରିଥାନ୍ତି ଓ ଗଧ ଉପରେ ଆରୋହଣ କରିଥାନ୍ତି । ଏହି ରୂପରେ ଦେବୀ ତ୍ରିନୟନା ଓ ଚତୁର୍ଭୁଜା । ନବରାତ୍ରିର ସପ୍ତମ ଦିନରେ ତାଙ୍କର ଉପାସନା କଲେ ସମସ୍ତ ଭୟ ଓ ବାଧାବିଘ୍ନ ଦୂର ହୁଏ ।

ଦେବୀଙ୍କର ଅଷ୍ଟମ ରୂପ ମହାଗୌରୀ । ଅତିଶୟ କଠୋର ତପସ୍ୟା କରି ତାଙ୍କର ବର୍ଣ୍ଣ କଳା ହୋଇ ଯାଇଥିଲା । ଶିବ ସନ୍ତୁଷ୍ଟ ହୋଇ ଗଙ୍ଗାଜଳରେ ଧୌତ କରି ତାଙ୍କର କଳା ରୂପକୁ ପୁଣି ବିଦ୍ୟୁତପ୍ରଭା ସଦୃଶ ଗୌର କରିଦେଇଥିଲେ । ତେଣୁ ତାଙ୍କର ନାମ ହେଲା ମହାଗୌରୀ । ଚତୁର୍ଭୁଜା ମହାଗୌରୀଙ୍କର ନବରାତ୍ରିର ଅଷ୍ଟମ ରାତ୍ରିରେ ପୂଜା କରାଯାଏ ।

ଦେବୀଙ୍କର ନବମ ରୂପ ହେଉଛି ସିଦ୍ଧିଦାତ୍ରୀ ଶାସ୍ତ୍ରର ବର୍ଣ୍ଣନା ଅନୁସାରେ ଦେବୀଙ୍କ କୃପାରୁ ଶିବ ସମସ୍ତ ସିଦ୍ଧି ପ୍ରାପ୍ତ ହୋଇଥିଲେ । ମା ସିଦ୍ଧିଦାତ୍ରୀ ଚତୁର୍ଭୁଜା ଓ -ସିଂହବାହିନୀ । ନବରାତ୍ରିର ନବମ ରାତ୍ରିରେ ସିଦ୍ଧିଦାତ୍ରୀଙ୍କର ଉପାସନା କଲେ ସମସ୍ତ ୧୮ ପ୍ରକାର ସିଦ୍ଧି ମିଳିଥାଏ ।

## ଟିକିଏ ହସନ୍ତୁ

ଚାଟ୍ ଖାଉଥିବା ଜଣେ ଯୁବତୀଙ୍କ ପାଖରେ ବାଇକ୍‌ରେ ଯାଉଥିବା ଜଣେ ବ୍ୟକ୍ତି ହଠାତ୍ ରହି ଯାଇ: ମ୍ୟାଡମ ମୁଁ ରାମ ମନ୍ଦିର ଯିବି...
ଯୁବତୀ ସଙ୍ଗେ ସଙ୍ଗେ ଯାଉନ ଭାଇ । ସମସ୍ତଙ୍କୁ ଏମିତି କହି ବୁଲିଲେ ପହଞ୍ଚିବ କେତେବେଳେ ?

× × ×

ବାପା ପୁଅକୁ: ତୋର କେହି ଗର୍ଲଫ୍ରେଣ୍ଡ ଅଛି ?
ପୁଅ: ନା ।
ବାପା: ଆଜିକାଲି ଯୁଗରେ ସମସ୍ତଙ୍କର ଗର୍ଲଫ୍ରେଣ୍ଡ ଅଛି, ହେଲେ ତୋର ନାହିଁ ?
ଟିକେ ସୋସିଆଲ ହେବାକୁ ଚେଷ୍ଟା କର ।
ପୁଅ ଲାଜେଇକି: ହଁ, ବାପା ମୋର ଗୋଟେ ଗର୍ଲଫ୍ରେଣ୍ଡ ଅଛି ।
ବାପା ମାଡ ମାରିବା ଆରମ୍ଭ କରି: ଆଚ୍ଛା ତା'ହେଲେ ତୁ ଏଇଥି ପାଇଁ ଫେଲ୍ ହେଲୁ ।

× × × × × ×

ବାହାଘର ଠିକ୍ ହୋଇ ଯାଇଥିବା ସାଙ୍ଗ ରେଶମାକୁ ରୀମା: ବାହାଘର ପାଇଁ ପ୍ରସ୍ତୁତି ସରିଲାଣି ?
ରେଶମା: ହଁ, ମୁଁ ମୋର ପୁରୁଣା ୨ଟା ଯାକ ସିମ୍ ନାଳରେ ଫିଙ୍ଗି ଦେଇଛି ।
ଫୋନ୍ ଫର୍ମାଟ୍ କରିଦେଇଛି । ଆଉ ଫେସ୍‌ବୁକ୍ ଆକାଉଣ୍ଟ ବି କ୍ଲୋଜ୍ କରିଦେଇଛି ।
ଏବେ ଖାଲି ତୁ ତୋ ମୁହଁ ବନ୍ଦ ରଖିବୁ ।



× × × × ×

ସ୍ତ୍ରୀ ସ୍ୱାମୀଙ୍କୁ: ଯଦି ତୁମକୁ କୌଣସି ସୁନ୍ଦରୀ ମହିଳା ଫ୍ଲାଇଂ କିସ୍ ଦେବେ, ତମକ କେମିତି ଲାଗିବ ?
ସ୍ୱାମୀ: ମତେ ବହୁତ ରାଗ ଲାଗିବ ।
ସ୍ତ୍ରୀ (ଖୁସିରେ): ସତ !
ସ୍ୱାମୀ: ଏମିତି ଅଳସୁଆ ସ୍ତ୍ରୀ ଲୋକ ଉପରେ ରାଗିବନି ତ ଆଉ କ'ଣ କରିବି ?

× × × × × ×

ମଣ୍ଟୁ ଦୌଡି ଦୌଡି ରାଜେଶ ପାଖରେ ପହଞ୍ଚିବା ପରେ ରାଜେଶ: କ'ଣ ହେଇଛି କାହିଁକି ଏମିତି ଦୌଡୁଛୁ ?
ମଣ୍ଟୁ: ମୋ ଗର୍ଲଫ୍ରେଣ୍ଡ ମୋ ପଛରେ ପଡି ଯାଇଛି ।
ରାଜେଶ: କ'ଣ କହୁଛୁ ତୁ ? ହେଲେ କାହିଁକି ?
ମଣ୍ଟୁ: ମୁଁ ସକାଳେ କହିଲି, 'ଦିଲ୍ ଚିର୍ କେ ଦେଖ୍ ତେରା ହି ନାମ ହୋଗା... ।
ଆଉ ତା'ପରଠୁ ସେ ଛୁରୀ ଧରି ପଛରେ ଗୋଡଉଛି ଛାତି ଚିରିକି ଦେଖିବ ବୋଲି ।

× × × × ×

**ଶିକ୍ଷୟିତ୍ରୀ ଗୋପୁକୁ:** ଛୋଟ ମହୁମାଛି କ'ଣ ଦିଏ ?
**ଗୋପୁ:** ମହୁ ।
**ଶିକ୍ଷୟିତ୍ରୀ:** ପତଳା ଛେଳି କ'ଣ ଦିଏ ?
**ଗୋପୁ:** କ୍ଷୀର ।
**ଶିକ୍ଷୟିତ୍ରୀ:** ଆଉ ମୋଟା ମଇଁଷି ?
**ଗୋପୁ:** ହୋମୱାର୍କ ।

## ଖଜୁରୀ କୋଳିର ଉପକାରିତା

**ଖଜୁରୀ** ପ୍ରାକୃତିକ ଶର୍କରାରେ ପରିପୂର୍ଣ୍ଣ । ଏହା ଶରୀରକୁ ଆବଶ୍ୟକୀୟ ଶକ୍ତି ଯୋଗାଇବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ବିଶେଷତଃ ଶିଶୁଙ୍କ ପାଇଁ ଖଜୁରୀ ଖୁବ୍ ଲାଭକାରୀ ସାବ୍ୟସ୍ତ ହୋଇଥାଏ । ଏଥିରେ କ୍ୟାଲସିୟମ, ଆଇରନ, ଫସଫରସ୍, ପୋଟାସିୟମ୍ ମ୍ୟାଗ୍ନେସିୟମ, ଭିଟାମିନ୍-ବି ପରି ପୋଷକ ତତ୍ତ୍ୱ ରହିଥାଏ ଯାହା ଆମକୁ ବିଭିନ୍ନ ପ୍ରକାରର ରୋଗ ଦାଉରୁ ରକ୍ଷା କରିଥାଏ । **ଶରୀରକୁ ଉଷ୍ମ ରଖେ:** ଖଜୁରୀରେ ପ୍ରଚୁର ପରିମାଣରେ ଫସଫରସ, ମ୍ୟାଗ୍ନେସିୟମ ଏବଂ କ୍ୟାଲସିୟମ ପରି ଉପାଦାନ ରହିଛି । ଏହା ଶରୀରକୁ ଉଷ୍ମତା ଦେବା ସହିତ ଥଣ୍ଡା କାଶ ଠାରୁ ଦୂରେଇ ରଖିଥାଏ । **ଶ୍ୱାସ ଆଶଙ୍କା କମ୍ କରେ:** ଶୀତଦିନେ ଶ୍ୱାସ ରୋଗୀଙ୍କ ସ୍ୱାସ୍ଥ୍ୟ



ଖରାପ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ । ଏଣୁ ଏହି ଦିନେ ବିଶେଷତଃ ଶ୍ୱାସରୋଗୀମାନେ ସକାଳେ ଏବଂ ସନ୍ଧ୍ୟାରେ ଦୁଇଟି ଲେଖାଏଁ ଖଜୁରୀ ନିୟମିତ ରୂପେ ଖାଇବା ଉଚିତ ।

**ଶକ୍ତି ବର୍ଦ୍ଧକ:** ବହୁ ସମୟ ଧରି ଉପବାସ ରହିବା ପରେ ଇନଷ୍ଟାଣ୍ଟ ଏନର୍ଜି ପାଇଁ ମହିଳାମାନେ ଖଜୁରୀ ଖାଇ ପାରିବେ । ଯେଉଁ ବ୍ୟକ୍ତି ବିଶେଷ ଓଜନ କମାଇବା ପାଇଁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହା ଉତ୍ତମ କୋଳି ସାବ୍ୟସ୍ତ ହୋଇଥାଏ । କାରଣ ଏହା ଖାଇବା ଦ୍ୱାରା ଭୋକ କମ୍ ଲାଗିଥାଏ । ଯାହା ଫଳରେ ଆପଣ କମ୍ ଖାଇଥାନ୍ତି । **କୋଷ୍ଠକାଠିନ୍ୟରୁ ଉପଶମ:** ଯଦି କୋଷ୍ଠକାଠିନ୍ୟ ସମସ୍ୟା ରହିଛି, ତେବେ ରାତିରେ ଶୋଇବା ପୂର୍ବରୁ ଖଜୁରୀକୁ ପାଣିରେ ଭିଜାଇ ରଖନ୍ତୁ । ସକାଳ ହେବା ମାତ୍ରେ ବତୁରା ଖଜୁରୀକୁ ଭଲ ଭାବରେ ବାଟି ଖାଆନ୍ତୁ । ଦେଖିବେ ନିୟମିତ ରୂପେ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହେବ । **ଅସ୍ଥି ଶକ୍ତି ରଖେ:** ଏଥିରେ ସେଲେନିୟମ୍ କପର ଏବଂ ମ୍ୟାଗ୍ନେସିୟମ ରହିଥାଏ ଯାହା ହାଡ଼କୁ ଶକ୍ତ କରିବାରେ ବିଶେଷ ରୂପେ ସହାୟକ ହୋଇଥାଏ । **ହୃତପିଣ୍ଡ ପାଇଁ ଉତ୍ତମ:** ହୃତପିଣ୍ଡ ସମସ୍ୟା ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ସର୍ବୋତ୍କୃଷ୍ଟ ସୁସ୍ଥ ରଖିବା ସହିତ ହୃଦ୍ ସ୍ପନ୍ଦନକୁ ନିୟନ୍ତ୍ରଣ କରେ । **ସତର୍କତା:** ଖଜୁରୀ ଗରମ ଜାତୀୟ କୋଳି । ଏଣୁ ଶୀତଦିନରେ ଅଧିକ ଥର ଖାଇବା ବେଳେ ଖରାଦିନେ ମାତ୍ର ଥରେ ଖାଇବା ଉଚିତ୍ ।

## ହେଙ୍ଗୁର ଔଷଧୀୟ ଗୁଣ

**ହେଙ୍ଗୁକୁ** ବିଭିନ୍ନ ପ୍ରକାର ମସଲା ଜାତୀୟ ଖାଦ୍ୟରେ ବ୍ୟବହାର କରାଯାଇଥାଏ । ଏହା ଶରୀର ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ । ଏଥିରେ ବହୁମାତ୍ରାରେ ଔଷଧୀୟ ଗୁଣ ଭରି ରହିଛି । ଏହା ସ୍ୱାସ୍ଥ୍ୟ ପାଇଁ ଯେଉଁଭଳି ହିତକାରୀ ହୋଇଥାଏ, ସେଭଳି ଔଷଧୀୟ ଗୁଣରେ ମଧ ଭରପୁର । ପ୍ରତି ୧୦୦ ଗ୍ରାମ ହେଙ୍ଗୁରେ ୬୦ ଗ୍ରାମ୍ ଶ୍ୱେତସାର, ୪ ଗ୍ରାମ ପୁଷ୍ଟିସାର, ୧ ଗ୍ରାମ୍ ସ୍ନେହସାର, ୭୦୦ ମିଲିଗ୍ରାମ୍ କ୍ୟାଲସିୟମ୍, ୩୫ ମିଲିଗ୍ରାମ୍ ଲୌହ ରହିଥାଏ ।



ହେଙ୍ଗୁକୁ ଭାଜି ଖାଇବା ଦ୍ୱାରା ପେଟ ବ୍ୟଥା ଭଲ ହୋଇଥାଏ । ହେଙ୍ଗୁକୁ ପାଣିରେ ପକାଇ ପିଇଲେ ହଜମ ଶକ୍ତି ବୃଦ୍ଧି ହୋଇଥାଏ ।

ହେଙ୍ଗୁ ଗୁଣ୍ଡକୁ ଦାନ୍ତ ମୂଳରେ ଲଗାଇଲେ ଦାନ୍ତବିନ୍ଧାରୁ ଉପଶମ ମିଳିଥାଏ । ହେଙ୍ଗୁକୁ ଘୋରି ବ୍ରଣ ଉପରେ ଲଗାଇଲେ ବ୍ରଣ ଭଲ ହୋଇଥାଏ । ଅଳ୍ପ ଅଦା ଏବଂ ହେଙ୍ଗୁ ଗୁଣ୍ଡକୁ ପାଟିରେ ରଖିବା ଦ୍ୱାରା ପାଟି ଦୁର୍ଗନ୍ଧ ଦୂର ହୋଇଥାଏ । ତରକାରୀ କିମ୍ବା ଡାଲି କଲାବେଳେ ଏହାକୁ ବ୍ୟବହାର କଲେ ଗ୍ୟାସ ନ ହେବା ସହ ଭୋକ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ହେଙ୍ଗୁ ସାହାଯ୍ୟ କରିଥାଏ ।

## ବହୁ ସମସ୍ୟା ଦୂର କରେ ଗାଜର

**ଗାଜରର ଉପକାରିତା:** ଦୃଷ୍ଟିଶକ୍ତି ବଢ଼ାଇବା ସହ ଚଷମା ଲଗାଉଥିବା ଲୋକଙ୍କର ଆଖିର ପାୱାର ବୃଦ୍ଧି କରିବାରେ ସହାୟକ ହୋଇଥାଏ ।



ଶରୀରରୁ ପ୍ରୋଟିନ ଜନିତ ସମସ୍ୟା ଦୂର କରିବା ପାଇଁ ଗାଜର ଜୁସ୍ ପିଇବା ଉଚିତ । ଗାଜରରେ ଥିବା କ୍ୟାଲସିୟମ ହାଡକୁ ମଜଭୁତ କରିଥାଏ ।

ପେଟ ସମସ୍ୟା ଦୂର କରିବା ପାଇଁ ଫାଇବର ଯୁକ୍ତ ଗାଜର ଖାଇବା ଉଚିତ ।

## ଆପଣ ଜାଣନ୍ତି କି ?

- ନ୍ୟାୟ ଦର୍ଶନ ଗୌତମ ପ୍ରତିଷ୍ଠା କରିଥିଲେ ।
- ମହର୍ଷି କଣାଦ ବୈଶେଷିକ ଦର୍ଶନ, ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରତିଷ୍ଠା କରିଥିଲେ ।
- ଏକ ସର୍ଭେ ଅନୁଯାୟୀ ବିଶ୍ୱରେ ସମୁଦାୟ ୬,୫୦୦ ଭାଷା ବ୍ୟବହାର କରାଯାଉଛି ।
- ଉଦ୍ଭିଦଗୁଡ଼ିକ ଝାଉଁଳି ପଡିବାର ମୁଖ୍ୟ କାରଣ ହେଉଛି ପ୍ରସ୍ୱେଦନ ।
- ୧୯୮୮ ମସିହାରେ ସିଓଲରେ ଅଲିମ୍ପିକ ଖେଳରେ ପ୍ରଥମ ଥର ପାଇଁ ଟେବଲ୍ ଟେନିସ୍ ଖେଳାଯାଇଥିଲା ।
- ବୁକର୍ ପୁରସ୍କାର ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ପୁରସ୍କାର । ୧୯୬୯ ମସିହାରେ ଏହି ପୁରସ୍କାର ପ୍ରଚଳନ ହୋଇଥିଲା ।
- ସାରା ଭାରତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସବୁଠାରୁ ବେଶି ଶାଖା ପ୍ରତିଷ୍ଠା କରାଯାଇଛି ।
- ଭାରତର ଅନ୍ୟ ରାଜ୍ୟଗୁଡ଼ିକ ଠାରୁ ସହରୀ ଲୋକଙ୍କ ସଂଖ୍ୟା ମହାରାଷ୍ଟ୍ରରେ ଅଧିକ ।
- ବହୁ ଚର୍ଚ୍ଚିତ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍' ଲେଖିକା ଅରୁନ୍ଧତି ରାୟ ।
- ହିମାଳୟର ସୃଷ୍ଟି ୪୫ ମିଲିୟନ୍ ବର୍ଷ ପୂର୍ବରୁ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣା ପଡିଛି ।
- ସଂସଦର ତଳସଦନ ଲୋକସଭାର ସଦସ୍ୟମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

## ମହୌଷଧି ଡାଲଚିନି

ମଧୁମେହ ରୋଗୀଙ୍କ ପାଇଁ ଡାଲଚିନି ଏକ ଉତ୍ତମ ଖୋରାକ୍ । ନିୟମିତ ଭାବେ ବିଶେଷଜ୍ଞଙ୍କ ପରାମର୍ଶରେ ମଧୁମେହ ରୋଗୀ ଡାଲଚିନିର ଆବଶ୍ୟକ ପରିମାଣ ସେବନ କଲେ ରକ୍ତଶର୍କରା ନିୟନ୍ତ୍ରିତ ହୋଇଥାଏ ।



ଅଧିକ ପରିମାଣରେ ଡାଲଚିନି ଖାଇଲେ ତାହା ଶରୀର ହାନି କରେ, ଏଣୁ ଦୈନିକ ଅତିବେଶୀରେ ୩ ଗ୍ରାମ ଡାଲଚିନି ଖାଇବା ହିଁ ଶରୀର ନିମନ୍ତେ ହିତକାରୀ । ଓଜନ କମ୍ ତଥା ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ପ୍ରତ୍ୟହ ଚା'ରେ ଡାଲଚିନି ଗୁଣ୍ଡ ମିଶାଇ ପିଇବା ଉଚିତ । ସକାଳ ଜଳଖିଆରେ ଏହି ଚା' ପିଇଲେ ତାହାର ଉତ୍ତମ ପ୍ରଭାବ ପଡେ । ଅନ୍ୟପାଖେ ଭୋକ ନ ହେବା ସମସ୍ୟା ଥିଲେ ମଧ ତାହା ଡାଲଚିନି ଖାଇବା ଦ୍ୱାରା ଦୂର ହୋଇଥାଏ ।

## ସବୁଠୁ ଭଲ ନଡିଆ ତେଲ

**ଖରା** ହେଉ ଅବା ଶୀତ ସବୁ ଋତୁରେ ନଡିଆ ତେଲ ବ୍ୟବହାର କରିବା ପାଇଁ ସମସ୍ତେ ଉପଦେଶ ଦେଇଥାନ୍ତି । ଏହା ଶାରୀରିକ ଗଠନ ନିମନ୍ତେ ଯେତିକି ହିତକର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସେତିକି ଉପଯୋଗୀ । ଫଳତଃ ଅନେକ ଲୋକ ନିଜର ନିୟମିତ ଡାଏଟରେ ଏହାକୁ ସାମିଲ କରିଥାନ୍ତି । ଘରୋଇ ଉପଚାର ପଦ୍ଧତି ସମେତ ଖାଦ୍ୟ ପ୍ରସ୍ତୁତି ସମୟରେ ମଧ ଏହାର ବହୁଳ ପ୍ରୟୋଗ କରାଯାଏ । ଏହା ତ୍ୱଚାକୁ କୋମଳ ରଖିବା ସହିତ ତ୍ୱଚା ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିଥାଏ ।



ନଡିଆ ତେଲରେ ଫ୍ୟାଟି ଏସିଡ୍ ଏବଂ ଭିଟାମିନ୍ ଇ ପରି ପୋଷକ ତତ୍ତ୍ୱ ଉପଲବ୍ଧ । ଏହା ତ୍ୱଚାକୁ ମଶ୍ଚରାଇଜ୍ କରାଇବା ସହିତ ସଫା ରଖିଥାଏ । ରୁକ୍ଷ ତ୍ୱଚାଧାରୀ ମହିଳାଙ୍କ ପାଇଁ ଏହା ସର୍ବୋତ୍କୃଷ୍ଟ ।

ଅନେକ ସମୟରେ ଲାଗିଥିବା ମେକ ଅପ ଛଡ଼ାଇବା ପାଇଁ କେମିକାଲ ଯୁକ୍ତ ଲିକ୍ୱିଡ୍ ବ୍ୟବହାର କରିଥାଉ । ଏହାଦ୍ୱାରା ଆମ ମୁହଁ ପ୍ରଭାବିତ ହୋଇଥାଏ । କିନ୍ତୁ ନଡିଆ ତେଲ ମେକଅପ୍ ହଟାଇବା ପାଇଁ ମଧ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ଲିପ୍ଷ୍ଟିକ୍ ଏବଂ ଆଇଲାଇନରୁ ଖୁବ୍ କମ୍ ସମୟ ମଧରେ ଏହା ବାହାର କରି ଦିଏ । ଏଥର ଯେବେ ବି ମେକଅପ୍ ସଫା କରିବାକୁ ଯାଆନ୍ତି, ନଡିଆ ତେଲ ନିଶ୍ଚୟ ବ୍ୟବହାର କରନ୍ତୁ ।

ଡ୍ରାଏ ସ୍କିନ୍ ପାଇଁ ମଧ ଏହା ଖୁବ୍ ଗୁଣକାରୀ । ଏଥିପାଇଁ ଏକ ପାତ୍ରରେ ସମାନ ପରିମାଣରେ ମହୁ ଏବଂ ନଡିଆ ତେଲ ମିଶାନ୍ତୁ । ଏହା ପରେ ଉକ୍ତ ମିଶ୍ରଣକୁ ମୁହଁ ଏବଂ ଶରୀରର ଅନ୍ୟ ଅଂଶରେ ପ୍ରୟୋଗ କରନ୍ତୁ । ଏପରି ନିୟମିତ ରୂପେ କରିବା ଦ୍ୱାରା ଡ୍ରାଏସ୍କିନ୍ରୁ ମୁକ୍ତି ପାଇ ପାରିବେ ।

ନଡିଆ ତେଲ ସାଧାରଣତଃ ପ୍ରାକୃତିକ ସନ୍ସ୍କ୍ରିନ୍ ପରି କାମ କରିଥାଏ । ଏଥିରେ ୪ ରୁ ୫ ପ୍ରତିଶତ ଏସପିଏଫ ଉପଲବ୍ଧ । ଯାହା ସୂର୍ଯ୍ୟରେ ଅତିବାଇଗଣୀ ରଶ୍ମି ପ୍ରଭାବରୁ ଶରୀରକୁ ରକ୍ଷା କରିଥାଏ ।

ବ୍ରଣ, କଳାଦାଗ, ତେଲିଆ ପଣ ଆଦି ମହିଳାଙ୍କର ସାଧାରଣ ସମସ୍ୟା । ବ୍ରଣ ଦାଗରେ ନିୟମିତ ନଡିଆ ତେଲ ଲଗାଇଲେ ତାହା ଦୂର ହୋଇଯାଏ ।

## କହିପାରିବେ କି ?

(୧) ଭାରି ଜଳର ଅଣୁଭାର କେତେ ?
(୨) ବିଶ୍ୱର ପ୍ରଥମେ କେଉଁ ଦେଶରେ ରେଳସେବା ଆରମ୍ଭ ହୋଇଥିଲା ?
(୩) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କେବେ ଆରମ୍ଭ ହୋଇଥିଲା ?
(୪) ଭାରତର କେଉଁ ରାଜ୍ୟରେ କନ୍ନଡ଼ ଭାଷାରେ ଲୋକେ କଥା ହୁଅନ୍ତି ?
(୫) କେଉଁ ରାଜ୍ୟରେ ଅଧିକ ଚାଉଳ ଉତ୍ପାଦନ ହୁଏ ?
(୬) 'ଗୀତାଞ୍ଜଳି'ର କବି କିଏ ?
(୭) ବୋଧଗୟା କେଉଁ ଧର୍ମ ସହିତ ଜଡ଼ିତ ?
(୮) ମହାତ୍ମାଗାନ୍ଧୀଙ୍କ ପତ୍ନୀଙ୍କ ନାଁ କ'ଣ ?
(୯) ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି କିଏ କରନ୍ତି ?
(୧୦) ରେଫ୍ରିଜିରେଟରରେ କେଉଁ ଗ୍ୟାସ୍ ବ୍ୟବହୃତ ହୁଏ ?

### JUMBLE WORDS

| | | | |
|---|---|---|---|
| 1) OKARC | = | 6) SOMEO | = |
| 2) SWNOH | = | 7) VLRIDE | = |
| 3) OFTERF | = | 8) GTARYE | = |
| 4) EEFRRP | = | 9) PUREP | = |
| 5) CEJTE | = | 10) GYNTA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ବାରିମଣ୍ଡଳ, ୨.୧.୪ ଭାଗ, ୩.ମାଧାକର୍ଷଣ ଶକ୍ତି, ୪.୧୧୧ କି.ମି,୫.ଆସାମ, ୬.ମହାକବି କାଳିଦାସ, ୭.ଏସିଆ, ୮.ଭୋପାଳ, ୯.କେରଳ,୧୦.ଭାରତ ରତ୍ନ ।

***Jumble Words* ର ଉତ୍ତର :-**

(1) GATHER (2) SIMILE (3) SLOSH (4) YOUNG (5) EYELID (6) ACCRUE (7) SHIRT (8) GRAFT (9) UPDATE (10) SOFTEN

## ଜି-୨୦ ଘୋଷଣାନାମାର...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଏହି ସମ୍ମିଳନୀ ଆୟୋଜନର ପ୍ରସ୍ତୁତି ନେଇ ଡକ୍ଟର ମିଶ୍ର ବୈଠକରେ ଆଲୋଚନା କରିଥିଲେ । ମୁଖ୍ୟ ଶିଖର ସମ୍ମିଳନୀ ପରେ ପ୍ରଥମଥର ପାଇଁ କୌଣସି ଦେଶ ଏଭଳି ଆଭାସୀ ଶିଖର ସମ୍ମିଳନୀ ଆୟୋଜନ କରିବେ । ତେଣୁ ସମସ୍ତ ସଦସ୍ୟ ରାଷ୍ଟ୍ର, ଓ ଅତିଥି ଦେଶମାନଙ୍କୁ ତୁରନ୍ତ ସୂଚନା ପ୍ରଦାନ ପାଇଁ ଡକ୍ଟର ମିଶ୍ର ଗୁରୁତ୍ୱ ଦେଇଥିଲେ ।

ବୈଠକରେ ବୈଦେଶିକ ସଚିବ ବିଜୟ କ୍ୱାତ୍ରା ଆସନ୍ତା ନଭେମ୍ବରରେ ହେବାକୁ ଥିବା ଦ୍ୱିତୀୟ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ ଶିଖର ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଜି- ୨୦ ନେତାଙ୍କ ଘୋଷଣାନାମାର ସଫଳ ରୂପାୟନ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଓ ବିକାଶ ଓ କଲ୍ୟାଣ କ୍ଷେତ୍ରରେ ବିଶ୍ୱ ସ୍ତରୀୟ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ସମର୍ପଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ନୀତି ଆୟୋଗର ଉପାଧ୍ୟକ୍ଷ, ଜି-୨୦ ସେର୍ପା, ଜି-୨୦ ମୁଖ୍ୟ ସଂଯୋଜକ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଆର୍ଥିକ ବ୍ୟାପାର ବିଭାଗ (ଡିଇଏ) ଏବଂ ନୀତି ଆୟୋଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନଭେମ୍ବର ପହିଲାରୁ ହୀରାକୁଦ ଇକୋ ରିଟ୍ରିଟ୍

ସମ୍ବଲପୁର : ଆସନ୍ତା ନଭେମ୍ବର ପହିଲାରୁ ହେବାକୁ ଥିବା ହୀରାକୁଦ ଇକୋ ରିଟ୍ରିଟ୍ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଇକୋ ରିଟ୍ରିଟ ଆସନ୍ତା ୩ ମାସ ପାଇଁ ଜମାଦାରପାଲି ବଳବସପୁରଠାରେ ଅନୁଷ୍ଠିତ ହେବ । ସେଥିରେ ୨୫ଟି ତମ୍ବୁ ରହିବ । ପର୍ଯ୍ୟଟକ ମାନେ ଡେବ୍ରିଗଡ଼, ହୀରାକୁଦ ଡ୍ୟାମ, ଘଣ୍ଟେଶ୍ୱରୀ, ସମଲେଶ୍ୱରୀ ମନ୍ଦିର, ଚିଡିଆଖାନା ଇତ୍ୟାଦି ପର୍ଯ୍ୟଟନ ସ୍ଥଳୀ ଦେଖିବାର ସୁଯୋଗ ପାଇବେ । ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସମ୍ବଲପୁର ମହାନଗର କମିଶନର ବେଦ ଭୂଷଣ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼କ୍ଟର ପୂର୍ଣ୍ଣ ଚନ୍ଦ୍ର ସାହୁ, ଓଏସଡି ପର୍ଯ୍ୟଟନ ବିଭାଗ ହେମନ୍ତ କୁମାର ପ୍ରଧାନ, ଟିପିଡବ୍ଲୁଡିଏଲ ଇଇ ଡ଼ମ୍ବରୁଧର ଓଝା, ଏସିଏଫ ହୀରାକୁଦ ଆର. ଆର ସାହୁ, ଏଇ ଆରଡବ୍ଲୁଏସଏସ ପ୍ରଶାନ୍ତ ରଞ୍ଜନ ଚୌଧୁରୀ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଏଚ ଏସ ସାହୁ, ଫାୟାର ଅଫିସର ଜିତେନ୍ଦ୍ର କୁମାର ବିଶ୍ୱାଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ପୂର୍ତ୍ତ ବିଭାଗର ଆସିଷ୍ଟାଣ୍ଟ ଇଇ ଶଶୀକାନ୍ତ ଜେନା ସମେତ ଅନ୍ୟ ସମସ୍ତ ଲାଇନ ବିଭାଗର ଅଧିକାରୀ ଏବଂ ଇକୋ ରିଟ୍ରିଟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

## ୟୁକୋ ବ୍ୟାଙ୍କ ପକ୍ଷରୁ ମୁଦ୍ରା ବିନିମୟ ମେଳା

ସମ୍ବଲପୁର : ୟୁକୋ ବ୍ୟାଙ୍କ ସମ୍ବଲପୁର ମୁଖ୍ୟ ଶାଖା ପକ୍ଷରୁ ସ୍ଥାନୀୟ ଗୋଲବଜାର ସ୍ଥିତ ପେଟ୍ରୋଲ ପମ୍ପ ପରିସରରେ ପୁରୁଣା ନୋଟ ଓ ମୁଦ୍ରା ବିନିମୟ ମେଳା ଆୟୋଜିତ ହୋଇଯାଇଛି । ଏହି ମେଳାକୁ ୟୁକୋ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ ମୁଖ୍ୟ ରାଜେଶ କୁମାର ଉଦ୍‌ଘାଟନ କରିଥିଲେ । ଏହି ମେଳାରେ ବ୍ୟାଙ୍କର ଗ୍ରାହକ ଓ ଜନସାଧାରଣ ପୁରୁଣା ଫଟା, ଖରାପ ହୋଇ ଯାଇଥିବା ନୋଟ ଓ ମୁଦ୍ରା ଗୁଡ଼ିକ ବଦଳରେ କରି ନୂତନ ନୋଟ ଓ ମୁଦ୍ରା ନେଇଥିଲେ । ଏହି ମେଳାରେ ୨୩ ଲକ୍ଷ ଟଙ୍କାର ମୁଦ୍ରା ବିନିମୟ ଓ ବଦଳ କରାଯାଇଥିଲା ।

## 'ଭୂମିରୁ ଭୂମାକୁ' ଉନ୍ମୋଚିତ

ସମ୍ବଲପୁର : ବସୁମତି ସାହିତ୍ୟ ଅନୁକୂଲ୍ୟରେ ପ୍ରଫେସର ଡାକ୍ତର ଗୁଣସାଗର ଦାଶଙ୍କ ପ୍ରଥମ କବିତା ସଙ୍କଳନ 'ଭୂମିରୁ ଭୂମାକୁ' ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ, ପ୍ରଫେସର ଗିରିଜା ଶଙ୍କର ଶର୍ମା, କବି ସୌଭାଗ୍ୟବନ୍ତ ମହାରଣା, ରୀତା ରାଣୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀ ଶର୍ମା ଓ ଶ୍ରୀମତୀ ମିଶ୍ର କବିତା ସଙ୍କଳନର ସମୀକ୍ଷା କରିଥିଲେ । ପ୍ରଫେସର ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଝାରସୁଗୁଡା: ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦିଗାମ୍ବର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୬୨ ଗୋଟି ମୋକଦ୍ଦମା ୯, ୮୩,୩୫୫ ଟଙ୍କାରେ ସମାଧାନ ହୋଇଥିଲା । ତନ୍ମଧ୍ୟରେ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧୀନ ଗୋଟିଏ ମୋକଦ୍ଦମା ୪ଲକ୍ଷ ଟଙ୍କାରେ, ବିଚାରାଧୀନ ୫ଟି ପରିବାର ବିବାଦ ମୋକଦ୍ଦମା ଓ ଜିଲ୍ଲାର ୫ଟି ତହସିଲରେ ୫୫୬ଟି ରାଜସ୍ୱ ମୋକଦ୍ଦମା ୫,୮୩,୩୫୫ ଟଙ୍କାରେ ଆପୋଷ ବୁଝାମଣାରେ ସମାଧାନ ହୋଇଥିଲା । ଜିଲ୍ଲା ଦୌରାଜଜ୍ ଶ୍ରୀ ପୃଷ୍ଟି ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମାର ଆପୋଷ ବୁଝାମଣା ମାଧମରେ ସମାଧାନ କରି ବୀମା କମ୍ପାନୀକୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆଦେଶ କରିଥିବା ବେଳେ ପରିବାର ଅଦାଲତର ବିଚାରପତି ସତ୍ୟବ୍ରତ ମିଶ୍ର ଓ ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ଗାୟତ୍ରୀ ମିଶ୍ର ପରିବାର ବିବାଦ ମାମଲା ଗୁଡିକର ସମାଧାନ କରିଥିଲେ । ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁବାସ ଚନ୍ଦ୍ର ଧଳ, ବରିଷ୍ଠ ଦେୱାନି ବିଚାରପତି (ଏଲ୍.ଆର) ଜୀବନାନନ୍ଦ ପାଢୀ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ଏସ୍. ଶୁଭଲକ୍ଷ୍ମୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ମଳୟ କୁମାର ପ୍ରଧାନ, ବରିଷ୍ଠ ଦେୱାନି ବିଚାରପତି ଦିବ୍ୟସଚି ବେହେରା ଉକ୍ତ ଲୋକ ଅଦାଲତରେ ଉପସ୍ଥିତ ଥିଲେ । ଜିଲ୍ଲା ଆଇନସେବା ପ୍ରାଧୀକରଣର ସଚିବ ସୁଶ୍ରୀ ନେହା ଦାସ ଏହି ଲୋକ ଅଦାଲତକୁ ପରିଚାଳନା କରିଥିବା ବେଳେ ଆପୋଷ ବୁଝାମଣା ମାଧମରେ ସମାଧାନରେ ସହଯୋଗ କରିବା ପାଇଁ ୫ଟି ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା । ବେଞ୍ଚ ଗୁଡ଼ିକର ସଦସ୍ୟ ଭାବେ ମଧସ୍ଥତା କେନ୍ଦ୍ରର ମଧସ୍ଥି ସୁରେନ୍ଦ୍ର ମହାପାତ୍ର, ଡାକେଶ୍ୱର ପାଣ୍ଡେ, ସମାଜସେବୀ ଦେବାଚନ ଠାକୁର, ପ୍ରାଧିକରଣର ତାଲିକାଭୁକ୍ତ ଆଇନଜୀବୀ ଦୟାନିଧି ଚାନ୍ଦ, ରୁପାଲି ଚାଟାର୍ଜି ଓ ଢମାଲି ପଟେଲ ଉପସ୍ଥିତ ଥିଲେ ।

## ତରଭା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲାର ବ୍ଲକ୍ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ତରଭା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ପର୍କିତ ୩୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ୧୦ ଗୋଟି ସାମୁହିକ ଦରଖାସ୍ତ ରହିଥିବା ବେଳେ ୨୪ ଗୋଟି ବ୍ୟକ୍ତିଗତ ଦରଖାସ୍ତ ରହିଥିଲା । ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତ ମଧ୍ୟରୁ ୦୩ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଦରଖାସ୍ତ ଗୁଡିକୁ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ତରଭା ବିଡିଓ ଅନିଲ କୁମାର କୁଲୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ନିର୍ବାହୀ ଯନ୍ତ୍ରୀ ଆର ଡବ୍ଲୁ ଏସ ଏସ ଇଂ ଶ୍ରୀକାନ୍ତ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ନିର୍ବାହୀ ଯନ୍ତ୍ରୀ ଟି ପି ଡବ୍ଲୁଓ ଡି ଏଲ ଅଶୋକ କୁମାର ମିଶ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ ,ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ,ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ତହସିଲଦାର ତରଭା କିର୍ତ୍ତୀ ଚନ୍ଦ୍ର ପ୍ରଧାନ, ଆଇ ଆଇ ସି ତରଭା ଅନିତା କିଣ୍ଡୋ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ ।

## ନବରାତ୍ର ଉପଲକ୍ଷେ ସୋହେଲାରେ ରାମଲୀଳା

ବରଗଡ଼ : ନବରାତ୍ର ଦୁର୍ଗାପୂଜା ଅବସରରେ ପ୍ରତିବର୍ଷ ଭଳି ବରଗଡ ଜିଲ୍ଲା ସୋହେଲାରେ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଚେତନା ମଣ୍ଡପ ଠାରେ ଦୁର୍ଗାପୁଜା କମିଟିର ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ମା ସମଲେଇଙ୍କ ଫଟୋ ଚିତ୍ରରେ ଧୂପ ଓ ପୁଷ୍ପ ଅର୍ପଣ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହା ପୂର୍ବରୁ ନବନିର୍ମିତ ଚେତନା ମଣ୍ଡପକୁ ଶ୍ରୀ ଦେବତା ଫିତା କାଟି ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ଉପସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ରଫିକ ବରିଷ୍ଠ ସଦସ୍ୟ ଟଙ୍କଧର ଝାଙ୍କର, ନାଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ ତଥା ରାମଲୀଳାର ନିର୍ଦ୍ଦେଶକ ଅଗସ୍ତ୍ୟ ଭୋଇ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ତୁଷାର କାନ୍ତ ସାହୁ ସଂଯୋଜନା କରିଥିଲେ ।

## ବାବୁପାଲିରେ ରକ୍ତଦାନ ଶିବିର

ସୋନପୁର : ସୋନପୁର ବ୍ଲକସ୍ଥିତ ବାବୁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜୁନିଅର ରେଡକ୍ରସ ୟୁନିଟ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ, ଜିଲ୍ଲା ଜୁନିଅର ରେଡକ୍ରସ ଉପସଭାପତି ଗତିକୃଷ୍ଣ ମିଶ୍ର, ବ୍ଲକ ରେଡ଼କ୍ରସ ସଂଯୋଜକ ଗୋପେଶ ପଣ୍ଡା, ସାଧନକର୍ମୀ ଚନ୍ଦ୍ରଶେଖର ମହାପାତ୍ର ଓ ଚନ୍ଦ୍ରମଣି ବାଘ, ପରାମର୍ଶ ଦାତା ବ୍ରତାନନ୍ଦ ଭୋଇ, ହେମନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ । ସମିତିସଭ୍ୟ ଅରବିନ୍ଦ ବାରିକ ଓ ଇନ୍ଦ୍ରଜିତ ବାଘ ସମ୍ମାନିତ ଅତିଥି ଭବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଶଶିଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାବୁପାଲି ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତଥା ରେଡ଼କ୍ରସର ପରାମର୍ଶ ଦାତା ମୋନାଲିସା ପ୍ରାମାଣିକ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ୬୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଶିବିରରେ ବ୍ଲଡ଼ ବ୍ୟାଙ୍କର ଅଫିସର ଡାକ୍ତର ଦୁର୍ଗାଦତ୍ତ ଦାଶ, ଡାକ୍ତର ରାମଶାଙ୍କର ତ୍ରିପାଠୀ, ଡାକ୍ତର ସରୋଜ ପଟେଲ, ଡାକ୍ତର ଧବଳେଶ୍ୱର ମହାକୁଡ଼ ପ୍ରମୁଖ ଯୋଗଦେଇ ରକ୍ତଦାନ ଉପରେ ଭାଷଣ ଦେଇଥିଲେ । ରକ୍ତ ସଂଗ୍ରହ କରିବାରେ ଜଗତ ଦରୱାନ, ସତ୍ୟ ତାଣ୍ଡି, ଯୁଧିଷ୍ଠିର ନାୟକ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମହେନ୍ଦ୍ରୀ ସାହୁ, ଜୟନ୍ତୀ ତରିଆ ପୂର୍ଣ୍ଣିମା ନାୟକ, ଆଶାକର୍ମୀ ଯଶୋବନ୍ତୀ ନାଗ ପ୍ରମୁଖ ସହଯୋଗ କରିଥିଲେ । କମିଟିର ସଭାପତି ଗୌରୀଶଙ୍କର ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାବଣ ପୋଡ଼ି ମହୋତ୍ସବ କମିଟି ଗଠିତ

ସମ୍ବଲପୁର: ରେଢ଼ାଖୋଲ ସହରର କଦମ୍ବ ପଡ଼ିଆରେ ହେବାକୁ ଥିବା ଚଳିତ ବର୍ଷ ରାବଣ ପୋଡ଼ି ମହୋତ୍ସବ ପାଇଁଏନ୍‌ଏସି କାଲ୍ୟାଣ ମଣ୍ଡପରେ ଆବାହକ ଗୋବିନ୍ଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ରାବଣ ପୋଡ଼ି ମହୋତ୍ସବ କମିଟି ଗଠିତ ହୋଇଯାଇଛି । ଏଥିରେ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ସଭାପତି, ପୁରୁଷୋତ୍ତମ ଅଗ୍ରୱାଲ, ଦିଲ୍ଲୀପ ପ୍ରଧାନ, ଅମରେଶ ନାଏକ ଉପସଭାପତି, ଜିଲ୍ଲା ପରିଷଦ ସଦସ୍ୟ ଶରତ କୁମାର ପ୍ରଧାନ ସଂପାଦକ, ଶୁଭ୍ରାଂଶୁ ମିଶ୍ର ସହ ସଂପାଦକ ଓ ଅନିଲ ପୃଷ୍ଟି କୋଷାଧ୍ୟକ୍ଷ ରହିଛନ୍ତି । ଦୁଃଖିବନ୍ଧୁ ବେହେରା, ଦିଲ୍ଲୀପ ଲାଉରିଆ, ସୁବାସ ପ୍ରଧାନ, ତପନ ବିଶ୍ୱାଳ, ଅବନୀ ମେହେର, ରାଜା ପାଲ, ଯଶୋବନ୍ତ ସାହୁ, ସଞ୍ଜୟ ବେହେରା, ପ୍ରଶନ୍ନ ପ୍ରଧାନ, ରଶ୍ମି ରଞ୍ଜନ ଖଡିରତ୍ନ, ଶଙ୍କର ପୃଷ୍ଟି, ଲବ ଷଣ୍ଢ, ସୁଧାଂଶୁ ପୁରୋହିତ, କୁମୁଦ ନାଗ, ରଶ୍ମି ରଞ୍ଜନ ଭଞ୍ଜ, ପ୍ରକାଶ ମେହେର, ସୁଧୀର ସୁନା ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟ ରହିଥିବା ବେଳେ ଜୟନ୍ତ ମହାର, ବସନ୍ତ ମହାନନ୍ଦ, ମହାବୀର ସିଂ ଦେଓ, ଆନନ୍ଦ ମହାପାତ୍ର ପ୍ରମୁଖ ଆବାହକ ଭାବେ ମନୋନୀତ ହୋଇଛନ୍ତି । ଆସନ୍ତା ୨୪ ତାରିଖ ସନ୍ଧ୍ୟା ୫ ଟା ସମୟରେ କଦମ୍ବ ପଡ଼ିଆରେ ସ୍ଥାନୀୟ କଳାକାରଙ୍କୁ ନେଇ ରାମଲୀଳାର ଗୀତିନାଟ୍ୟ ହେବା ସହ ରାବଣ ପୋଡ଼ି ମହୋତ୍ସବ ପାଳନ କରାଯିବ । ପୂର୍ବରୁ ସ୍ଥାନୀୟ ରାମମନ୍ଦିର ଠାରୁ ପ୍ରଭୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, ହନୁମାନ ଓ ଲଙ୍କାପତି ରାବଣର ସହର ପରିକ୍ରମା କରାଯିବ । କାର୍ଯ୍ୟକ୍ରମର ଶେଷରେ ରାବଣ ପୋଡ଼ି ମହୋତ୍ସବ ପାଳନ କରାଯିବ ବୋଲି ସ୍ଥିରୀକୃତ ହେଇଥିଲା ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ‘ସେତୁ’ର ରୌପ୍ୟ ଜୟନ୍ତୀ ମହୋତ୍ସବ

ସମ୍ବଲପୁର : ସାମାଜିକ ଓ ଶୈକ୍ଷିକ ଅନୁଷ୍ଠାନ ‘ସେତୁ’ର ରୌପ୍ୟ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ବଲପୁର ମହାନଗର ନିଗମ ଆଯୁକ୍ତ ବେଦ ଭୂଷଣ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଫେସର ଚାଟର୍ଜୀଙ୍କ ପ୍ରିୟଦର୍ଶିନୀ ବେହେରାଙ୍କୁ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର ଏବଂ ସମ୍ବଲପୁର ଜିଲ୍ଲାରେ ମେଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ରମାବଲ୍ଲଭ ମିଶ୍ର, ବିଦ୍ୟାରଣ ପଣ୍ଡା ଓ ରାମଚରଣ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସଦସ୍ୟ ପ୍ରଫେସର କାମଦେବ ସାହୁ ଏହାର ସଂଯୋଜନା



ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ମୁଖ୍ୟଅତିଥି, ଆଇଆଇଏମ୍‌ସି ଢେଙ୍କାନାଳର ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟର୍ଜୀ ମୁଖ୍ୟବକ୍ତା ଓ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ ଓ ରଚିତ ପୁସ୍ତକ ‘ଦେଶର ଆତ୍ମା’ ଏବଂ ସେତୁର ରୌପ୍ୟଜୟନ୍ତୀ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ପ୍ରାରମ୍ଭରେ ଅନୁଷ୍ଠାନରେ ସମ୍ପାଦକ ସୁକାନ୍ତ କର ବାର୍ଷିକ ବିବରଣୀ ପାଠ କରିଥିଲେ । ଉପ ସଭାପତି ଡକ୍ଟର ନିଳେନ୍ଦ୍ରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ମେଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସମୀକ୍ଷା ପଟେଲଙ୍କୁ କ୍ଷୀରୋଦ ପ୍ରସାଦ ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡକ୍ଟର ନିମାଇଁ ଚରଣ ପଣ୍ଡା, ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର କେଦାରନାଥ ବେହେରା, ପ୍ରଫେସର ସୁଦର୍ଶନ ପୂଝାରୀ, ପ୍ରଫେସର ଅଶୋକ କୁମାର ଦାଶ, ଡାକ୍ତର କରିଥିଲେ । ସେତୁ ପକ୍ଷରୁ ଚାଲୁଥିବା ଶିକ୍ଷା ପ୍ରକଳ୍ପରେ କାର୍ଯ୍ୟକରୁଥିବା ଶିକ୍ଷୟିତ୍ରୀ ସନ୍ତୋଷିନୀ ବଢ଼େଇ, ଶାନ୍ତିଲତା ରଣବୀଡ଼ା ଓ ପ୍ରଣତୀ ପଣ୍ଡାଙ୍କୁ ମଧ ଉତ୍ସବରେ ସମ୍ମାନିତ କରାଯାଇଥିଲା । ରୌପ୍ୟଜୟନ୍ତୀ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ କାର୍ଯ୍ୟକାରିଣୀ ସଦସ୍ୟ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ରଘୁବର ଦାସ ଓଡ଼ିଶାର ରାଜ୍ୟପାଳ ନିଯୁକ୍ତ

ଭୁବନେଶ୍ୱର : ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ରାଷ୍ଟ୍ରୀୟ ଉପସଭାପତି ରଘୁବର ଦାସ ଓଡ଼ିଶାର ନୂଆ ରାଜ୍ୟପାଳ ରୂପେ ନିଯୁକ୍ତି ପାଇଛନ୍ତି । ପ୍ରଫେସର ଗଣେଶୀ ଲାଲଙ୍କ



ଉତ୍ତରାଧିକାରୀ ଭାବରେ ଶ୍ରୀ ଦାସଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଛନ୍ତି । ରାଷ୍ଟ୍ରପତି ଭବନରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ରଘୁବର ଓଡ଼ିଶାର ୨୬ତମ ରାଜ୍ୟପାଳ ଭାବରେ ଅବସ୍ଥାପିତ ହେବେ । ରଘୁବର ୫ଥର ଝାରଖଣ୍ଡ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ସେ ଝାଡ଼ଖଣ୍ଡର ଉପ ମୁଖ୍ୟମନ୍ତ୍ରୀ ଓ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡର ଷଷ୍ଠ ମୁଖ୍ୟମନ୍ତ୍ରୀ ଭାବରେ ଅବସ୍ଥାପିତ ହୋଇଥିଲେ । ସେ ଝାରଖଣ୍ଡ ରାଜ୍ୟ ବିଜେପିର ସଭାପତି ଭାବରେ ଦୁଇଥର ମଧ କାର୍ଯ୍ୟ କରିଛନ୍ତି ।

## ଜିଏମୟୁକୁ ୨୦ ଲକ୍ଷ ଟଙ୍କା ଦାନ କଲେ ଅପର୍ଣ୍ଣା



ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱ-ବିଦ୍ୟାଳୟକୁ ସ୍ୱର୍ଗତ ଭରତ ନାୟକଙ୍କ ନାତୁଣୀ ତଥା ଶିକ୍ଷୟିତ୍ରୀ ନିରୁପମା ଦେବୀଙ୍କ ଝିଅ ଅପର୍ଣ୍ଣା ମହାପାତ୍ର ୨୦ ଲକ୍ଷ ଟଙ୍କା ଦାନ କରିଛନ୍ତି । ବିଶ୍ୱବିଦ୍ୟାଳୟରେ ଗବେଷଣା (ପିଏଚ୍.ଡି) କରୁଥିବା ୨ ଜଣ ଅଭାବୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଫେଲୋସିପ ପ୍ରଦାନ ପାଇଁ ଏହି ପାଣ୍ଠି ବ୍ୟବହାର ହେବ । ତନ୍ମଧ୍ୟରେ ଅନ୍ତତଃ ଜଣେ ଛାତ୍ରୀ ରହିବେ । ପ୍ରଦତ୍ତ ଅର୍ଥକୁ ଫିକ୍ସଡ୍ ଡିପୋଜିଟ ଭାବେ ରଖାଯାଇ ତାହାର ସୁଧରୁ ଏହି ଫେଲୋସିପ ଦ୍ୱୟ ପ୍ରଦାନ କରାଯିବ । ଏହାର ନାମ ‘ନିରୁପମା ଦେବୀ ମେମୋରିଆଲ ରିସର୍ଚ୍ଚ ଫେଲୋସିପ’ ରଖାଯାଇଛି । ଶ୍ରୀମତୀ ମହାପାତ୍ର ତାଙ୍କ ପରିବାରବର୍ଗଙ୍କ ସହ ତାଙ୍କ ଦିବଂଗତ ଝିଅ ରୋଶନୀ ମହାପାତ୍ରଙ୍କ ନାମରେ ଏକ ଟ୍ରଷ୍ଟ କରିଛନ୍ତି ଏବଂ ସେହି ଟ୍ରଷ୍ଟରୁ ଏହି ପାଣ୍ଠି ପ୍ରଦାନ କରାଯାଇଛି । ୧୯୨୦ ମସିହାରେ ଜନ୍ମିତ, ଅପର୍ଣ୍ଣାଙ୍କ ମା’ ନିରୁପମା ଦେବୀ ସମ୍ବଲପୁରର ପ୍ରଥମ ଶିକ୍ଷୟିତ୍ରୀ ଭାବେ ହୀରାକୁଦ ହାଇସ୍କୁଲରେ ଅବସ୍ଥାପିତ ହୋଇଥିଲେ । ସେତେବେଳେ ସେ ୱାର୍ଦ୍ଧାରେ ମହାତ୍ମା ଗାନ୍ଧୀଙ୍କ ‘ନୟୀ ତାଲିମ’ରେ ଯୋଗ ଦେଇଥିଲେ । କୁଳପତି ପ୍ରଫେସର ଏନ୍.ନାଗରାଜୁ ଶ୍ରୀମତୀ ମହାପାତ୍ରଙ୍କ ଏହି ମହତ୍ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । କାର୍ଯ୍ୟକ୍ରମକୁ ଉପକୁଳସଚିବ ଡକ୍ଟର ଉମା ଚରଣ ପତି ସଂଯୋଜନା କରିଥିବା ବେଳେ କୁଳସଚିବ ଯୁଗଳେଶ୍ୱରୀ ଦାଶ, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ, ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ଏବଂ ରୋଶନୀ ମହାପାତ୍ର ଟ୍ରଷ୍ଟର ଟ୍ରଷ୍ଟି ଡକ୍ଟର ଅମ୍ବରୀଶ ପାଢ଼ୀ ଓ ରବିନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

‘ନେଟ୍’ ପାଇ ମଧ ଜେଆରଏଫ କିମ୍ବା ଓୟୁଆରଆଇଟି ଫେଲୋସିପ କିମ୍ବା ଅନ୍ୟ କିଛି ଫେଲୋସିପ ପାଉନଥିବା ଯୋଗ୍ୟ ଓ ମେଧାବୀପିଏଚ୍.ଡିସ୍କୋଲାରମାନଙ୍କୁଫେଲୋସିପ ଦିଆଯିବ ବୋଲି ଉପକୁଳସଚିବ ଡକ୍ଟର ଉମାଚରଣ ପତି କହିଛନ୍ତି । ଏହାପୂର୍ବରୁ ପିଏଚ୍‌ଡି ଗବେଷଣା ପାଇଁ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗିରିଧାରୀ ପ୍ରସାଦ ଗୁରୁ ୧୦ ଲକ୍ଷ ଟଙ୍କା ଦେଇଥିବା ବେଳେ ପୁରାତନ ଛାତ୍ରୀ ତଥା ବିଇଡି କଲେଜର ପୂର୍ବତନ ଅଧ୍ୟକ୍ଷା ଡକ୍ଟର କିଶୋରୀ ଦାଶ ମଧ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ।

## ସିଆଇଏଲ୍ ସିଭିଓଙ୍କ ଏମ୍.ସି.ଏଲ୍ ଗସ୍ତ







ବୁର୍ଲା : କୋଲ ଇଣ୍ଡିଆର ମୁଖ୍ୟ ସତର୍କତା ଅଧିକାରୀ ବ୍ରଜେଶ କୁମାର ତ୍ରିପାଠୀ ଏମ୍.ସି.ଏଲ୍‌କୁ ଦୁଇଦିନିଆ ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ ସାଙ୍ଗକୁ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଆୟୋଜିତ ବୈଠକରେ ସି.ଏମ୍.ଡି ଶ୍ରୀ ଓ.ପି ସିଂ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା, ବୈଷୟିକ ନିର୍ଦ୍ଦେଶକ ଏ.ଏସ୍.ବାପତ୍ତ ଓ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ ।





Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra